


RNI No.: ODIODI/2015/64435
P.R. No.: CK(C)/96/2016-2018
www.prasheevoice.in

ବାସ୍ତବତାର ପରିପ୍ରକାଶ

# ପ୍ରାଚୀ

# PRACHEE

ମଇ ୨୦୧୬
ମୂଲ୍ୟ : ୨୫ ଟଙ୍କା





ବାସ୍ତବତାର ପରିପ୍ରକାଶ

# ପ୍ରାଚୀ

ସମ୍ପାଦକ :
ଡ. [illegible]

ଜୀବନର ପରିଭାଷା ହେଉଛି ସାହିତ୍ୟ, ସୃଜନଶୀଳତା ଓ ବାସ୍ତବତା ନଥିଲେ ସାହିତ୍ୟ ବା ସଂସ୍କୃତି ଉତ୍କର୍ଷ ଲାଭ କରିପାରେନା । ସାହିତ୍ୟର କ୍ରମ ବିବର୍ତ୍ତନ ଅଛି । ଏହି ବିବର୍ତ୍ତନ ଜୀବନର ପରିବର୍ତ୍ତନ ସହିତ ସଂଶ୍ଳିଷ୍ଟ । ସାହିତ୍ୟକୁ ବୁଝିବାକୁ ହେଲେ ଆବଶ୍ୟକତା ପଡ଼େ ପ୍ରୟାସର । ପ୍ରୟାସ ହେଉଛି ଜାଣିବାର ବୁଝିବାର ପ୍ରକୃଷ୍ଟ ମାଧ୍ୟମ । ସତଃସ୍ଫୂର୍ତ୍ତଭାବେ ମନଗହନରୁ ଭାସିଆସି ଲୋକମନକୁ ରଂଜିତ କରିପାରିଲେ ସାହିତ୍ୟ ସାର୍ଥକତା ପାଇଥାଏ । ସାହିତ୍ୟ ହେଉଛି ସମୁଦ୍ରପରି ଅପରିସୀମ ଓ ପରିବ୍ୟାପ୍ତ । ବିଭିନ୍ନ ରତ୍ନରେ ରତ୍ନଗର୍ଭା ମହାରଣ୍ୟ ପରି ସେ ଗଳ୍ପ, କବିତା, ନାଟକ, ପ୍ରବନ୍ଧ ରୂପକ ବୃକ୍ଷରାଜିରେ ପରିପୂର୍ଣ୍ଣ । ସ୍ରଷ୍ଟାର ଭାବ ଓ ଚେତନା ଉଭୟ ନିବିଡ଼ ଭାବରେ ଛନ୍ଦାଛନ୍ଦି ହୋଇ ରହିଥାନ୍ତି । ଉଭୟ ଜଗତରୁ ଉପାଦାନ ସଂଗ୍ରହ କରାଯାଏ । ଯାହାକେବଳ ଭୌତିକ ଜଗତରୁ ସଂଗ୍ରହ କରାଯାଇ ପାରେନା । ତା'ର ସୃଷ୍ଟି ସମୁଦ୍ରର ଢେଉଭଳି ଶତଛନ୍ଦ ଭରା ଜହ୍ନଆ ଆକାଶ ଭଳି ସ୍ନିଗ୍ଧ ଓ ପ୍ରାଞ୍ଜଳ । ଛାଇ ଯେପରି ବସ୍ତୁର ସ୍ଥିତିକୁ ସୂଚାଇ ଦିଏ, ସ୍ରଷ୍ଟାର ସୃଷ୍ଟି ସୂଚାଇ ଦିଏ ସମାଜର ବ୍ୟକ୍ତିର ମନ ଆଉ ଭାବନାର ସ୍ଥିତିକୁ । କେହି କେବେ ଜନ୍ମରୁ ସ୍ରଷ୍ଟା ହୋଇନଥାଏ । ସାଧନା ଓ ପ୍ରୟାସର ମହାମିଳନରେ ଜଣେ ସ୍ରଷ୍ଟା ସଫଳରୂପାୟିତ ହୋଇଥାଏ । ସୃଜନଶୀଳତାର ଦ୍ୱିତଳ ପ୍ରାସାଦରେ ନିଜକୁ ହଜାଇ ସ୍ରଷ୍ଟା ସମାଜକୁ, ଦେଇଥାଏ ନୂତନ ସାହିତ୍ୟ, ଜୀବନର ସତ୍ୟ ଓ ବାସ୍ତବତାକୁ ସାହିତ୍ୟ କେବଳ ପ୍ରକାଶ କରେ ନାହିଁ, ଅଧିକନ୍ତୁ ଜୀବନକୁ ସତ୍ୟାଶ୍ରୟୀ ଓ ବାସ୍ତବ ବାଦୀ ହେବାକୁ ଶିକ୍ଷାଦିଏ ।

ମଣିଷର ହୃଦୟ ପ୍ରେମର ହୃଦୟ । ଯେତେବେଳେ ମାନବର ପ୍ରାଣସିନ୍ଧୁରେ ସୃଷ୍ଟିହୁଏ ସେବାର କଲ୍ଲୋଳ, ସେତେବେଳେ ମାନବର ହୃଦୟ ହୋଇଯାଏ ପ୍ରସାରିତ । ବିଶ୍ୱପ୍ରେମର ମନ୍ତ୍ରରେ ସେ ହୋଇଯାଏ ଅଭିମନ୍ତ୍ରିତ । ଭୁଲିଯାଏ ନିଜ ଜୀବନର ମାୟା ଓ ମମତା । ଦୀନ, ଦୁଃଖୀ, ରଙ୍କୀ, ଦଳିତ ନିଷ୍ପେସିତ ଆର୍ତ୍ତଚିତ୍କାର ତା'ର ବ୍ୟଥାବିଦ୍ଧ ପ୍ରାଣରେ ସୃଷ୍ଟିକରେ ସେବାର କଲ୍ଲୋଳ । ମାନବ ହେଉଛି ଭଗବାନଙ୍କର ଅମୂଲ୍ୟ ସୃଷ୍ଟି । ପ୍ରକୃତିକୁ ଉପଭୋଗ କରିବାକୁ ସ୍ରଷ୍ଟା ସୃଷ୍ଟି କଲେ ମାନବ । ମାତ୍ର ନିଜର ସୁଖ ସୁବିଧା ନିମିତ୍ତ ମାନବ ପ୍ରକୃତିକୁ ଧ୍ୱସ୍ତବିଧ୍ୱସ୍ତ କଲା । ପ୍ରକୃତି ଏବେ ବିନାଶର ଦ୍ୱାରରେ । ଏହି ମାନବ ଓ ପ୍ରକୃତିର ରକ୍ଷା ନିମିତ୍ତ ଆମର ସଂସ୍ଥା ସଂକଳ୍ପ ବଦ୍ଧ ।

ଅନନ୍ତ ସମୟର ଉତ୍ଥାନ ପତନ ସହ ଜଡ଼ିତ ଆମ ପତ୍ରିକା **'ପ୍ରାଚୀ'** ର ଦ୍ୱିତୀୟ ବର୍ଷର ଦ୍ୱିତୀୟ ଅର୍ଘ୍ୟ ପ୍ରକାଶ ପାଇବାକୁ ଯାଉଛି । ପ୍ରାଚୀର ଅର୍ଥ ପୂର୍ବଦିଗ । ପୂର୍ବଦିଗର ଉଦିତ ସୂର୍ଯ୍ୟ ପରି **'ପ୍ରାଚୀ'** ଓଡ଼ିଆ ଭାଷା ସାହିତ୍ୟ ଆକାଶରେ ସୂର୍ଯ୍ୟ ରୂପେ ପ୍ରତିଭାତ ହେଉ ଏହାହିଁ ଆଶା ।

ନିଜର ବଳିଷ୍ଠ ଲେଖନୀ ମାଧ୍ୟମରେ ଓଡ଼ିଶାର ବାଣୀଭଣ୍ଡାର ବୀଣାକୁ ଝଂକୃତ କରିଥିବା କିଛି ସ୍ରଷ୍ଟାଙ୍କ ବୁଦ୍ଧିମନ୍ତ ସୃଷ୍ଟିକୁ ନେଇ **'ପ୍ରାଚୀ'**ର ଜନ୍ମ, ବାଗ୍ ଭୂଷଣରେ ଭୂଷିତ ଏହି ଶବ୍ଦ ସମ୍ରାଟମାନେ ଏକ ନୂତନ ଯୁଗର ଆହ୍ୱାନରେ ଶବ୍ଦ ଶଙ୍ଖର ଧ୍ୱନି ନାଦ କରିଛନ୍ତି ।

ସମଗ୍ର ଓଡ଼ିଶାବାସୀ ଭାଇ ଓ ଭଉଣୀମାନଙ୍କର ଶୁଭେଚ୍ଛା ଓ ଶୁଭକାମନାକୁ ନେଇ 'ପ୍ରାଚୀ' ସାରା ଓଡ଼ିଶାରେ ପାଠକୀୟ ଆଦୃତି ଲାଭକରିବ ବୋଲି ଆଶା ।

**ସଂପାଦକ**

# ଓ 'ପ୍ରାଚୀ'ର କଲମ ଛ

**ପ୍ରା**ଚୀର ଗୋଟିଏ ଜିଦ୍ ଆମେ ମାଙ୍କଡ଼ମାନଙ୍କୁ ପାଠ ପଢ଼ାଇବା । ମୁଁ ସବୁବେଳେ ତା ଜିଦ୍ ଆଗରେ ହାର ମାନେ । ସେ ଭୁଲ କହିଲେ ବି ମୁଁ ତାକୁ ମୁଣ୍ଡପାତି ଶୁଣେ ଏବଂ ତା ବିଷୟରେ ବହୁତ ଭାବେ । କାରଣ ତା' ପ୍ରତି ବିଶ୍ୱାସ ଏବଂ ଭଲପାଇବା ଏତେ ଥାଏ ଯେ, ମୁଁ ସବୁବେଳେ ତାଭୁଲ୍‌ରୁ ଠିକ୍‌କୁ ଖୋଜି ବୁଲେ । ସେମିତି ଏହି ମାଙ୍କଡ଼ କଥା ମୁଁ ଭାବି ଭାବି ବହୁଦିନ ବିତିଗଲା । ମନକଥା ମନରେ ରହିଲା । ମନକୁ ପୁଣି ଆସିଲା, ଯଦି ମାଙ୍କଡ଼ମାନଙ୍କୁ ପଢ଼ାଇପାରିବା ନାହିଁ, ଆମେ କ'ଣ ମାଙ୍କଡ଼ ପାଇଁ କଥା କହିପାରିବା ନାହିଁ ? ତେଣୁ ପ୍ରାଚୀର କଥାରୁ 'ପ୍ରାଚୀ' ର ସୃଷ୍ଟି ହେଲା । ଏହି ପତ୍ରିକାଟି କଥା କହିପାରୁନଥିବା ମାନବ ଓ ମାନବେତର ମାନଙ୍କ ପାଇଁ ଏକ ଆଶର କିରଣ ସୃଷ୍ଟି କରିବ, ଏଥିରେ ସନ୍ଦେହ ନାହିଁ । ବାସ୍ତବତାକୁ ଗଳ୍ପ ଆକାରରେ ପରିପ୍ରକାଶ କରିବା ଆମର ମୂଳ ଲକ୍ଷ୍ୟ । ଗୋଟିଏ ବାସ୍ତବ ଚରିତ୍ରର ହୃଦୟ ଆବେଗକୁ ନେଇ ସମାଜରେ ସଚେତନତା ସୃଷ୍ଟି କରି ସମାଜକୁ ସୁସ୍ଥ, ସବଳ କରିବାର ଲକ୍ଷ୍ୟନେଇ ପ୍ରାଚୀ ଆଗେଇ ଚାଲିଛି । ଏହି ପତ୍ରିକାର ପ୍ରଥମ ସୃଷ୍ଟିରେ ୧୨ଟି ଚରିତ୍ରର ହୃଦୟୋଚ୍ଛ୍ୱାସ ଦିଆଯାଇଛି ।

- ମୁଁ ଗାଁ ମୁଣ୍ଡ ବୁଢ଼ା ବରଗଛ କହୁଛି । ମୁଁ ଜନ୍ମରୁ ମଣିଷର ସେବାରେ ଅଛି । କିନ୍ତୁ ଆଜି ମନୁଷ୍ୟ ତା'ର ସୁବିଧା ପାଇଁ ମୋ ବାର୍ଦ୍ଧକ୍ୟରେ ମୋ ସାଙ୍ଗରେ ନରହି, ମତେ କାଟି ତାର ଗର୍ବକୁ ଚରିତାର୍ଥ କରୁଛି । ........
- ମୁଁ ଲତାଟିଏ ହେଲେ ବି, ମୋ ପତ୍ରରେ ଥିବା ଗୁଣରେ ଅନେକ ଉପକୃତ ହୋଇଥାନ୍ତି ଏବଂ ମୋ ଫଳକୁ ଖାଦ୍ୟ ରୂପେ ବ୍ୟବହାର କରାଯାଏ କିନ୍ତୁ ଆଜି ମୁଁ ଅବହେଳିତ କାରଣ, ମତେ ବଞ୍ଚି ରହିବା ପାଇଁ .........
- ମୁଁ ମହାନଦୀ, ମୋ ବକ୍ଷରେ ଅନେକ ପରିମାଣରେ ଜଳ ଅଛି । ସୃଷ୍ଟିର ଆରମ୍ଭରେ ଜଳର ଆବଶ୍ୟକତା ରହି ଆସିଛି । ମୋ ଜଳରେ ସଂସାରର ଆରମ୍ଭ ହେଇଥାଏ କିନ୍ତୁ ସେ ଜଳକୁ ବିଷାକ୍ତ କରି .........
- ମୁଁ ମଳୟ ପବନ କହୁଛି । ସକାଳୁ ସକାଳୁ ମୋର ପ୍ରବାହରେ ପୃଥିବୀ ଉପରେ ଶାନ୍ତି ପ୍ରତିଷ୍ଠା ହେଇଥାଏ । କିନ୍ତୁ ପ୍ରଦୂଷଣ ଆଜି ମତେ ..........
- ମୁଁ ବୁଢ଼ା ବଳଦ କହୁଛି, ଆମ ପରିବାରର ପୀଢ଼ି ପରେ ପୀଢ଼ି ମଣିଷ ସେବାରେ ଲାଗିଥାନ୍ତି । ମୋ ପରି ଅନେକ ଜୀବଜନ୍ତୁ ଏହି ଦୁନିଆରେ ଅଛନ୍ତି । ସେମାନେ ପ୍ରକୃତିରେ ସ୍ଥିରତା ରକ୍ଷା କରିଥାନ୍ତି କିନ୍ତୁ ଦିନକୁ ଦିନ ବହୁତ ଜୀବ ପ୍ରାୟ ବିଲୁପ୍ତ, ବୁଝି ପାରେନା.......
- ମୁଁ ଗୋଟିଏ ଟିକି ଚଢ଼େଇ, ସକାଳୁ, ସକାଳୁ ମୋ ଚେଁ ଚେଁ ଶବ୍ଦରେ ପ୍ରକୃତି ମାତା ଆଖି ଖୋଲିଥାଏ । ଆଜି ପରିବେଶ ପ୍ରଦୂଷଣ ପାଇଁ ଆମ ଜାତିର ଅନେକ ପକ୍ଷୀ ପ୍ରାୟ ବିଲୁପ୍ତ, ଏଥିପାଇଁ ଦାୟୀ କିଏ ? ମୋ ଛୋଟ ମୁଣ୍ଡରେ ଏହାର କଳ୍ପନା କରିପାରେନା ...... ....
- ମୁଁ ମନି ପୋଇଲି । ମୁଁ ଗୋଟିଏ ମଣିଷ, ମୋର ଗୋଟିଏ ନାଁ ଅଛି କିନ୍ତୁ, ମୋ ନାଁ ପରେ ମୋ ସାଙ୍ଗିଆ ପୋଇଲି ଡକା ହୁଏ । ପେଟ ପାଇଁ କାମକରେ କିନ୍ତୁ ବୁଝି ପାରେନା, ଏତେ କାମ କରିସାରିଲା ପରେ ମଧ ମୋ ଉପରେ ଅତ୍ୟାଚାର ହୁଏ କାହିଁକି ...........
- ମୋ ନାମ ମକରା ପାଗଳ । 'ପାଗଳ' ଶବ୍ଦଟି ମୋର ପିତୃଦତ୍ତ ନୁହେଁ, ସମାଜ ମତେ କାହିଁକି କେଜାଣି ଏହି ପାଗଳ ଶବ୍ଦଟି ଲଦି ଦେଇ ମତେ ଅଣନିଃଶ୍ୱାସୀ କରିଦେଉଛି । ମୁଁ ଜାଣେନା .........
- ମୁଁ ଛୋଟା ହେଲେ ମଧ ମୁଁ ତ ମୋର ସବୁକାମ ଠିକ୍ ଠିକ୍ କରୁଛି । ତା ହେଲେ, ମତେ ସମାଜର ଗୋଡଥିବା ଲୋକମାନେ କାହିଁକି ନ୍ୟୁନ ଦୃଷ୍ଟିରେ ଦେଖନ୍ତି, ଏହାର କାରଣ କ'ଣ ହୋଇ ........
- ବିଧାତାର ବିଧାନ ସାମୀ ଚାଲିଗଲା, ମୁଁ ବିଧବା ହେଲି, ଏଥିପାଇଁ ମୁଁ ହେଲି ଦାୟୀ, ସମାଜରେ ମୁଁ ଡାହାଣୀ, ଘରେ ବାହାରେ ଖାଲି ଛି, ଛି, ଆଉ କେତେ ଦିନ ........
- ମୁଁ ପରା ବୁଢ଼ୀ, ଆମ ବାବୁଘରେ ସମସ୍ତଙ୍କର ଆପଣାର, ଟିକେ ଭୁଲ୍ କଲେ , କଥା ବଡ ହୁଏ । ଛୋଟ ଠାରୁ ବଡ଼ ପର୍ଯ୍ୟନ୍ତ ସମସ୍ତେ ପଚାରନ୍ତି ଏବଂ କୈଫତ୍ ମାଗନ୍ତି, ଟିକେ ଭୁଲ ପାଇଁ ଏତେ କଥା ........
- ମୁଁ ଦିନହୀନ ଗୋବିନ୍ଦ, ମୋର ଦାଣରୁ ଆଣିଲେ ହାଣ୍ଡିରେ ପଡେ । ମାଗିବା ବ୍ୟତୀତ ମୋର ଅନ୍ୟଉପାୟ ନାହିଁ । ଘରେ ପୁଣି ରୋଗିଣା ମା', ଅନ୍ୟଲୋକଙ୍କର ବଳକା ଖାଇ ଖାଇ ମୋ ପେଟ ଚାଖଣ୍ଡଟା ପୂରଣ କରିଥାଏ । ସେଥିପାଇଁ ମତେ ସମସ୍ତେ ହାଁଉଆ ବୋଲି ଡାକି ଥାନ୍ତି । ଭାରି ଇଛା ହୁଏ ପେଟଭରି ଖିରି, ଆରିଶା ଖାଇବା ପାଇଁ ଅପେକ୍ଷାକରେ ସମୟକୁ, ସମୟ ଆସିବ ......

ବାସ୍ତବତାର ପରିପ୍ରକାଶ

# ପ୍ରାଚୀ

Vol.-2, May 2016, Issue No. II
RNI No. : ODIODI/2015/64435
Postal Regd. No. : CK(C)/96/2016-2018

ପ୍ରାଚୀ ପରିବାର :
ଉପଦେଷ୍ଟା :
କୃଷ୍ଣ ପ୍ରସାଦ ଦାସ
ସମ୍ପାଦକ :
ଡ. ବିଭୁଦତ୍ତ ଖଣ୍ଡାୟତରାୟ
ସମ୍ପାଦନା ସହଯୋଗୀ :
ପ୍ରାଚୀ ପ୍ରଜ୍ଞା
ସହ ସମ୍ପାଦକ :
ଡ. ନିରୋଦ କୁମାର ମନ୍ତ୍ରୀ
ପରିଚାଳନା ସମ୍ପାଦିକା :
ପ୍ରଜ୍ଞା ପରିମିତା
ଉପସ୍ଥାପନା :
ମମତା ଖଣ୍ଡାୟତରାୟ
ଡିଟିପି :
ମନୋଜ କୁମାର ଦାସ
ପ୍ରଚ୍ଛଦ ଓ ଅକ୍ଷରସଜ୍ଜା :
ବିଷ୍ଣୁପ୍ରସାଦ ନାୟକ
ମୋ: ୮୯୦୮୫୪୪୯୫୬
ଅଳଙ୍କରଣ :
ବିଜୟ କୁମାର ସାହୁ
ବିଜ୍ଞାପନ ଅଧିକାରୀ :
ରାମଚନ୍ଦ୍ର ବିଶ୍ୱାଳ
ବିତରଣ ଅଧିକାରୀ :
ପ୍ରଦୀପ୍ତ କୁମାର ପାଢ଼ୀ
ମୁଦ୍ରଣ :
ଲକ୍ଷ୍ମୀ ଅଫ୍‌ସେଟ୍ ପ୍ରେସ୍
ନୂଆବଜାର, କଟକ - ୪

ପ୍ରାଚୀ ସାହିତ୍ୟ ସମାଜ
ସଭାପତି :
ଡ. ଆର୍ଯ୍ୟ କୁମାର ହର୍ଷବର୍ଦ୍ଧନ
କାର୍ଯ୍ୟକାରୀ ସମ୍ପାଦିକା:
ଡକ୍ଟର ବିଦ୍ୟୁତ୍ ପ୍ରଭା ମିଶ୍ର

ପ୍ରାଚୀ ସାହିତ୍ୟ ସମାଜର ସଭ୍ୟ ହେବା ପାଇଁ www.pracheevoice.in ରେ ଲଗ୍‌ଇନ୍ କରନ୍ତୁ ।

Declaration
Edited, Published & Owned by :
Dr. Bibhudatta Khandayatray
Niladri Vihar, Cuttack - 4
E-mail :
pracheepatrika@rediffmail.com
Web Site :
www.pracheevoice.in

## ଏଇ ସଂଖ୍ୟାରେ...

❑ ଏଇ ତ ଆରମ୍ଭ
ପାୟଲ ଜେନା ୭

❑ ପାଗଳ
ଡକ୍ଟର ବିଦ୍ୟୁତପ୍ରଭା ମିଶ୍ର ୧୧

❑ ଶ୍ରାବଣୀର ଆକାଶ
ଦିପୁନ୍ ପୁହାଣ ୧୩

❑ ଶେଷ ସର
ସତ୍ୟନାରାୟଣ ନନ୍ଦ ୧୬

❑ ଦେବ ପୁରୁଷ
ଗୀତାଞ୍ଜଳୀ ନାୟକ ୧୯

❑ କୃଳାଙ୍ଗାର
ଡକ୍ଟର ନିରୋଦ କୁମାର ମନ୍ତ୍ରୀ ୨୧

❑ କ ଖ।ଜାହାଣୀ
ଧନେଶ୍ୱର ବେହେରା ୨୪

# ପ୍ରାଚୀର ନିୟମାବଳୀ

- **"ପ୍ରାଚୀ"** ଏକ ମାସିକ ଗଳ୍ପ ପତ୍ରିକା । ଏହି ପତ୍ରିକାରେ ବାସ୍ତବ ଚରିତ୍ରକୁ ନେଇ ଗଳ୍ପ ମାଧ୍ୟମରେ ପରିପ୍ରକାଶ କରାଯାଇଥାଏ । ସମାଜର ଦଳିତ ଓ ଅବହେଳିତମାନଙ୍କ ପାଇଁ ସ୍ୱର ଉଠେଇବା ଏହି ପତ୍ରିକାଟିର ଲକ୍ଷ୍ୟ ।
- ଏହି ପତ୍ରିକାଟିରେ କେବଳ ମାତ୍ର ଗଳ୍ପ ପ୍ରକାଶ କରାଯାଇଥାଏ ।
- ପ୍ରାଚୀ ନୂତନ ଲେଖକ ଲେଖିକାମାନଙ୍କୁ ଅଗ୍ରାଧୀକାର ଦେଇଥାଏ । ଲେଖାରେ ଯଦି ସମାଜ ପ୍ରତି କୌଣସି ବାର୍ତ୍ତା ଥାଏ ତାହା ଏଥିରେ ପ୍ରକାଶ ପାଇବ ।
- ଲେଖକଲେଖିକାମାନେ 'ପ୍ରାଚୀ'ରେ ପ୍ରକାଶ ପାଇଁ ସେମାନଙ୍କ ହାତଲେଖା ବା କମ୍ପ୍ୟୁଟର ପ୍ରସ୍ତୁତ ପାଣ୍ଡୁଲିପି ପଠାଇବେ । ଲେଖାଟି କୌଣସି ଆକ୍ଷେପ ମୂଳକ ଏବଂ ଉଦ୍ଦେଶ୍ୟ ପ୍ରଣୋଦିତ ନହେବା ଆବଶ୍ୟକ । ଲେଖାଟି ପ୍ରକାଶ କରିବା ସମ୍ପାଦନା ମଣ୍ଡଳୀ ଉପରେ ନିର୍ଭର କରିଥାଏ । ଲେଖାଟି ପ୍ରକାଶ ପାଇବା ପରେ ଡାକ ଯୋଗେ ଲେଖକ ଲେଖିକାଙ୍କୁ ଜଣାଇ ଦିଆଯିବ ।
- ପ୍ରାଚୀକୁ ପଠାଇଥିବା ଲେଖାଗୁଡିକୁ ଫେରାଇବାର କୌଣସି ସୁବିଧା ନାହିଁ । ତେଣୁ ଲେଖକ ଲେଖିକାମାନେ ନିଜର ପାଖରେ ନିଜ ପାଣ୍ଡୁଲିପିର ନକଲଟିଏ ରଖିବା ଆବଶ୍ୟକ ।
- ଲେଖକ ଲେଖିକାମାନେ ନିଜ ଲେଖା ସହ ଗୋଟିଏ ରଙ୍ଗିନ୍ ପାସ୍‌ପୋର୍ଟ ଫଟୋ ପଠାଇବାକୁ ଅନୁରୋଧ ଏବଂ ଏକମାସ ପୂର୍ବରୁ ଲେଖାଟି ପହଞ୍ଚିବା ଜରୁରୀ ।
- ଏହି ପତ୍ରିକାଟି ସମାଜର ନିସ୍ପେଷିତ ଚରିତ୍ରମାନଙ୍କର କାହାଣୀକୁ ନେଇ ଗଢ଼ିଉଠୁଥିବାରୁ ଆପଣଙ୍କ ଲେଖାଟି ସେମାନଙ୍କ ପାଇଁ ଉତ୍ସର୍ଗୀକୃତ କରାନ୍ତୁ ।
- କୌଣସି ଲେଖା ସମ୍ପର୍କରେ ଅନୁସନ୍ଧାନ ଡାକ ଯୋଗେ ଯୋଗାଯୋଗ କରାଯିବ । ପ୍ରାଚୀ ପାଇଁ ପଠାଉଥିବା ଲେଖା ଗୁଡିକ ଏଇ ଠିକଣାରେ ପଠାଇବେ, ସମ୍ପାଦକ, ପ୍ରାଚୀ, ନିଳାଦ୍ରୀ ବିହାର, ନୂଆବଜାର, କଟକ, ଓଡ଼ିଶା, ପିନ୍ - ୭୫୩୦୦୪ କିମ୍ବା ପାଠକପାଠିକା ମାନେ pracheepatrika@rediffmail.com **ଯୋଗେ ସମ୍ପର୍କ ସ୍ଥାପନ କରିପାରିବେ ।**

---

**ଆପଣ "ପ୍ରାଚୀ" ପତ୍ରିକାର ବାର୍ଷିକ ଗ୍ରାହକ ହେବାକୁ ଚାହୁଁଛନ୍ତି !!!**

**ଏହାକୁ କାଟି ଆମ୍ଭ ନିକଟକୁ ପଠାନ୍ତୁ**

ଶ୍ରୀମତୀ/ଶ୍ରୀ ..........................................................................................................

ଜିଲ୍ଲା.............................................................. ପିନ୍‌କୋର୍ଡ଼ .................................

ମୋବାଇଲ୍ ନମ୍ବର ........................................... ଇ-ମେଲ୍ ...........................................

**ଏଥିସହିତ ମୁଁ ୨୫୦ଟଙ୍କା ପଠାଉଛି । (ମନିଅର୍ଡର)**


**ବାସ୍ତବତାର ପରିପ୍ରକାଶ "ପ୍ରାଚୀ"**

ନିଳାଦ୍ରୀ ବିହାର, ନୂଆ ବଜାର, କଟକ-୪, ମୋବାଇଲ୍ ନଂ : ୯୧୨୪୮୮୭୬୦୫, ୯୫୮୩୩୯୦୭୭୬

E-mail : pracheepatrika@rediffmail.com, Web. : www.pracheevoice.com

# ଏଇତ ଆରମ୍ଭ

ପାୟଲ ଜେନା

ବର୍ତ୍ତମାନ ଆଧୁନିକ ଯୁଗରେ "ପ୍ରେମ" ଶବ୍ଦ ଏକ ସାଧାରଣ ଶବ୍ଦ । ଯାହାର ସଂଜ୍ଞା ଯେ କେହି ବି ଦେଇପାରିବ । କିନ୍ତୁ ପ୍ରକୃତରେ ପ୍ରେମର ଅର୍ଥ ଆମେ ବୁଝିଥିଲେ ପ୍ରତିଦିନ ଖବର କାଗଜର ପୃଷ୍ଠା ଲେଉଟାଇଲେ ପ୍ରେମରେ ପ୍ରତାରଣା, ପ୍ରେମରୁ ହତ୍ୟା, ପ୍ରେମ ପାଇଁ ବଳାତ୍କାର ଆଦି ଖବର ବାହାରନ୍ତାନି କି ଆଜିର ଯୁଗରେ ସୋସିଆଲ ମିଡିଆରେ ପ୍ରେମରେ ଶିକାର ହୋଇ ଆତ୍ମହତ୍ୟା ଖବର ବି ପ୍ରଚାର ହୋଇନଥାନ୍ତା । ପ୍ରକୃତରେ ପ୍ରେମ ହେଉଛି ଏକ କଠିନ ପଥ । ଯେଉଁ ପଥରେ କେତେବେଳେ ପୁଷ୍ପରେ ସଜ୍ଜିତ ତ କେତେବେଳେ କଣ୍ଟକିତ । କେତେବେଳେ ଦୁଃଖମୋହିନୀ ତ କେତେବେଳେ ଯନ୍ତ୍ରଣାଦାୟକ । କେତେବେଳେ ସ୍ୱପ୍ନର ତାଜମହଲ ତ କେତେବେଳେ ବାସ୍ତବର ବାଲିଘର । ସେ ଯାହାବି ହେଉ ଆଜିର ତାରିଖରେ ପ୍ରକୃତ ପ୍ରେମ କରିବା ଏକ କଷ୍ଟକର ବ୍ୟାପାର । କାରଣ ସେ ଭଲପାଇବା ଭଲ ପାଇବା ନୁହେଁ ଯେଉଁ ଭଲପାଇବାରେ ଦୁହେଁ ଭଲପାଇ ଘରସଂସାର କରି ଅଧା ରାସ୍ତାରେ ଅନୁଭବ କରନ୍ତି ଯେ, ସେମାନେ ଭଲପାଇ ଭୁଲ୍ କରିଛନ୍ତି । ଏବଂ ଦୁହିଁଙ୍କ ମଧ୍ୟରେ ପାରିବାରିକ କଳହ ଏବଂ କଳହର ଶେଷ ସୀମା ଛାଡ଼ପତ୍ରରେ ଶେଷ ହୋଇଯାଏ । ଏହା କେବେ ପ୍ରେମ ହୋଇପାରେନି । ଏହା ଏକ ମନର ଭୁଲ୍ ବୁଝାମଣା ସହ ସମାନ । ଆଜିର ପ୍ରେମ ଯୁବପୀଢ଼ିଙ୍କ ମଧ୍ୟରେ ପାର୍କର କୌଣସି ଏକ ବୃକ୍ଷମୂଳରେ ଅଥବା ସିନେମା ହଲ୍‌ରେ ସୀମିତ । ଯାହା ପ୍ରେମର ପ୍ରକୃତ ଅର୍ଥର ବିପରୀତ । ପ୍ରେମ ହେଉଛି ଶାଶ୍ୱତ, ସୁନ୍ଦର ଯେଉଁଥିରେ ପାଇବାର ଆଶା ନରଖି ନିଜକୁ ପ୍ରେମିକର ଅଂଶ ଭାବିନେଇ ଦୁହିଁଙ୍କ ପାଇଁ ଦୁହେଁ ଗୋଟିଏ ପଥରେ ଅଗ୍ରସର ହେବା ଉଚିତ୍ । ଯାହା ବର୍ତ୍ତମାନ ଦୁନିଆରେ ଖୁବ୍ କମ୍ ମାତ୍ରାରେ ପରିଲକ୍ଷିତ । କିନ୍ତୁ ଏବେ ମଧ୍ୟ ପୃଥିବୀର କୌଣସି ଏକ କୋଣରେ ଲୁଚି ରହିଛି ସେହି ସାର୍ଥକ ପ୍ରେମ । ଯାହା ରାଧାକୃଷ୍ଣଙ୍କ ପ୍ରେମ ପରି ପବିତ୍ର, ଶାଶ୍ୱତ ନହୋଇପାରେ କିନ୍ତୁ ତାହା ଆଜି ତାରିଖରେ ପ୍ରେମରୁ ବହୁ ଊର୍ଦ୍ଧ୍ୱରେ ଯାହାର ସୁନ୍ଦର ଟିପ୍ପଣୀ ନିମ୍ନରେ ଦର୍ଶାଗଲା ।

ସମସ୍ତ ଝିଅପରି ସେ ବି ଦିନେ ଭାବୁଥିଲା ତା ମନରେ କେହିଜଣେ ଆସିବ । ଆଉ ତାକୁ ପାର୍କ ନବ, ରେଷ୍ଟୁରାଣ୍ଟ ନବ । ହଠାତ୍ ସେ ଝିଅ ପାଖରେ ସେ ଦିନ ଉପସ୍ଥିତ ହେଲା । ଝିଅଟି ତାର ଅଜାଣତରେ ତାର ଦୂର ସମ୍ପର୍କୀୟ ଏକ ପୁଅର ପ୍ରେମରେ ପଡିଗଲା । କିନ୍ତୁ ସେ ପୁଅଟି ମଧ୍ୟ ଅନ୍ୟ ଜଣକୁ ବହୁତ ଭଲ ପାଉଥିଲା । ଏ କଥା ଜାଣିବା ପରେ ଝିଅଟି ମନଦୁଃଖ ନିଶ୍ଚୟ କରିଥିଲା । କିନ୍ତୁ ତା ମନରୁ ପ୍ରେମ ଟିକିଏ ବି କମିନଥିଲା । ଏହି ତ୍ରିକୋଣୀୟ ପ୍ରେମ ବହୁଦିନ ଚାଲିଲା । ତା ଭିତରେ ଝିଅଟି ମନକୁ ପଥର କରି ସେ ପୁଅ ସହ ପ୍ରେମ ସମ୍ପର୍କ ରଖିବାରେ ବ୍ୟସ୍ତ ରହିଲା । ସେ ପ୍ରତିକ୍ଷା କରିଥିଲା ସେ ପୁଅକୁ । ସେ ନିଶ୍ଚିତ ଥିଲା ଯେଉଁ ପ୍ରେମରେ ସ୍ୱାର୍ଥ ନାହିଁ, ଆଶା ନାହିଁ ସେ ପ୍ରେମ ନିଶ୍ଚୟ ଦିନେ ନା ଦିନେ ତା

ପାଖକୁ ଫେରିବ । ଏହିପରି ଦୁଇବର୍ଷ ପ୍ରତିକ୍ଷା କରିଥିଲା ସେ ମନରେ କେବଳ ସେ ପୁଅ କଥା ଭାବି ନିଜର ପ୍ରେମମୟ କ    କିତ ପଥରେ ଅଗ୍ରସର ହେଉଥିଲା । ସେ ପୁଅଟି ପାଇଁ ନିଜକୁ ଭୁଲିଯାଇଥିଲା । ଏପରି ଏକ ଦିନ ଆସିଲା ଯେଉଁଦିନ ସେ ପୁଅଟି ନିଜେ ଆସି ଝିଅର ପ୍ରେମର ଗୁରୁତ୍ୱକୁ ଅନୁଭବ କରିପାରି ତାର ପ୍ରେମକୁ ସ୍ୱୀକାର କଲା । ଏହି ସମୟଟା ଝିଅପାଇଁ ଥିଲା ଚିରସ୍ମରଣୀୟ । ସାରା ଦୁନିଆଟା ତାକୁ ରଙ୍ଗୀନ୍ ଲାଗୁଥିଲା । ସେ ପୁଅଟି ପାଇଁ ସବୁକିଛି କରିବାକୁ ପ୍ରସ୍ତୁତ ଥିଲା । କିନ୍ତୁ ପୁଅଟି ଆଜିର ଏ ଆଧୁନିକ ସମାଜ ସହ ଅତି ନିବିଡ଼ ଭାବେ ଜଡିତ ଥିଲା । ସେ ଜାଣିଥିଲା ଏ ପ୍ରେମର ଶେଷ ବିବାହ ହୋଇପାରିବନି । ସେ ପୁଅ କେବେ ବି ଦୁହିଁଙ୍କ ପରିବାର ଲୋକଙ୍କ ମନରେ ଅଶାନ୍ତି ଦେଇ ନିଜେ ଖୁସିରେ ଘର ସଂସାର କରିବାକୁ ଚାହୁଁନଥିଲା । ପୁଅଟି ମଧ ଝିଅଟିକୁ ଭଲ ପାଉଥିଲା କିନ୍ତୁ ସେ ଭଲପାଇବାରେ ପ୍ରକୃତ ମୂଲ୍ୟ ବୁଝିଥିଲା । ଏ ଦୁହିଁଙ୍କ ପ୍ରେମରେ ଝଗଡ଼ା ହୁଏ, ଏତଦ୍ ଦ୍ୱାରା ପ୍ରେମ ବଢ଼େ, ବ୍ରେକ୍‌ଅପ୍ ଶବ୍ଦ ଆସେନି । ଏ ପ୍ରେମରେ ଏକାକୀ ଦେଖାହୁଏ କେବଳ ଦୁହେଁ ଦୁହିଁକୁ ଦେଖି ସାମାନ୍ୟ ତୃପ୍ତି ପାଆନ୍ତି । କିନ୍ତୁ ଅନ୍ୟ ମନ୍ଦ ଉଦ୍ଦେଶ୍ୟ ନଥାଏ । ସେ ପୁଅ ଦୁନିଆର ପ୍ରଥା, ସମାଜର ଚାଲିଚଳଣିକୁ ବୁଝି ସେ ଝିଅଠୁ ଦୂରେଇ ଯିବାକୁ ଚାହୁଁଥିଲା । କାରଣ ସେ ଜାଣିଥିଲା ଯେତେ ଅଧିକା ପ୍ରେମ ବଢ଼ିବ ବିଛିନ୍ନ ସମୟରେ କଷ୍ଟ ମଧ ସେତେ ଅଧିକା ହେବ । କିନ୍ତୁ ସେ ଝିଅର ନିର୍ଲୋଭ ପ୍ରେମ  ପୁଅକୁ ଦୂରେଇବାକୁ ଦେଉନଥିଲା । କାରଣ ଯେଉଁ ପ୍ରେମ ହୃଦୟରେ ବସିଯାଇଥାଏ, ସେ ପ୍ରେମକୁ ହଠାତ୍ କାଢ଼ିଦେବା ସମସ୍ତଙ୍କ ପକ୍ଷରେ ଏତେ ସହଜ ହୋଇପାରେନା ଏବଂ ଯାହା ପାଖରେ ଏହା ସମ୍ଭବ ହୁଏ ତ ତା ପ୍ରେମ ମନକୁ ଜାଣିପାରିଥିଲା, କିନ୍ତୁ ହୃଦୟକୁ ନୁହେଁ । ସେ ଝିଅଟି, ପୁଅର ଭଲପାଇବା ଥିବା ଜାଣିପାରି ତା ପାଇଁ ଘରଛାଡିବାକୁ ପ୍ରସ୍ତୁତ ଥିଲା । କିନ୍ତୁ ସେ ପୁଅଟି ଏଥିରେ ଏକମତ ନଥିଲା ଏବଂ ଝିଅଟିକୁ ବୁଝାଇଥିଲା । ଦୁହେଁ କୋର୍ଟମ୍ୟାରେଜ୍ କରି ଅଥବା ଘରୁ ଲୁଚି ବାହା ହୋଇ ଖୁସିରେ ଘରସଂସାର କରିପାରିବେ କିନ୍ତୁ କେବେ ଆତ୍ମତୃପ୍ତି ପାଇପାରିବେନି । କାରଣ ଦୁହିଁଙ୍କ ପରିବାର ହେଉଛନ୍ତି ପ୍ରେମ ବିରୋଧି ମନୋଭାବ ଥିବା ପରିବାର । ତେଣୁ ସେ ଏହି ପ୍ରେମକୁ ସ୍ୱୀକୃତି ପ୍ରଦାନ କେବେ ବି କରିବେନି । ଆଉ ପୁଅଟି ଝିଅଟିକୁ କହିଥିଲା ପରିବାର ମନରେ ଅଶାନ୍ତି ଦେଇ  କେବେବି ଶାନ୍ତିରେ ଜୀବନଯାପନ କରିପାରିବେନି । ଝିଅଟି ସତ୍ୟକୁ ସାମ୍ନା କରିବାକୁ ପ୍ରସ୍ତୁତ ନଥିଲା । କିନ୍ତୁ ସେ  ଅନୁଭବ କଲା ଯେ, ପ୍ରଥମରୁ ହିଁ ଈଶ୍ୱରଙ୍କୁ ତାର ଭଲପାଇବା ପାଇଁ ହାତଯୋଡ଼ି ଆସିଛି । ବାହାଘର ନିମନ୍ତେ ନୁହେଁ । ସେ ସର୍ବଦା ମନରେ ଠାକୁରଙ୍କୁ ଏତିକି ଡାକିଛି ଯେ  ପୁଅର ଭଲପାଇବା ଟିକକ ତାକୁ ମିଳୁ,  ସେ ପୁଅର ସାରାଜୀବନ ନୁହେଁ ।  କାରଣ ସେଇ କିଛିବର୍ଷର ଭଲପାଇବାର ସ୍ମୃତି ତା ପାଇଁ ଯଥେଷ୍ଟ ଜୀବନଯାପନ ନିମନ୍ତେ । ସେ ମଧ ଜାଣିଛି ନିଜ ପରିବାର ଠୁ ଊର୍ଦ୍ଧ୍ୱରେ କୌଣସି ପ୍ରେମିକ ହୋଇ ନପାରେ । ସେ ମଧ ବୁଝିଛି ଏକାସାଥିରେ ରହିବାରେ କେବଳ ପ୍ରେମ ବଢ଼ିନଥାଏ । କିଛି ପ୍ରେମ ବିଛିନ୍ନତାରେ ହିଁ ବଢ଼ିଥାଏ । ଏହା କଷ୍ଟ ଏବଂ ଯନ୍ତ୍ରଣାଦାୟକ ନିଶ୍ଚିତ । କିନ୍ତୁ ପ୍ରକୃତ ପ୍ରେମର ଯଥାର୍ଥ ସାର୍ଥକ ନିମନ୍ତେ ଉପଯୁକ୍ତ । ଏହିପରି ଭାବେ ସେମାନେ


ନିଜର ଜୀବନ ପଥରେ ଅଗ୍ରସରଥିଲେ । ଦୁହେଁ ପରସ୍ପର ସହ ପ୍ରତିଦିନ କଥା ହେଉଥିଲେ । କିନ୍ତୁ କେବେବି ପୁଅଟି ଝିଅପ୍ରତି ଥିବା ଭଲପାଇବା ଗଭୀର ଭାବେ ପରିପ୍ରକାଶ କରିପାରେନି କାରଣ ସେ ପ୍ରଥମ ପ୍ରେମ ହରାଇଛି ଏବଂ ସେ କେବେବି ଚାହୁଁନଥିଲା ଏ ସୁନ୍ଦର ପ୍ରେମ ପାଇଁ ସେ ପୁନର୍ବାର ସେ କଷ୍ଟର ସାମ୍ନା କରୁ କି ସେ ଝିଅ ମଧ୍ୟ ଏ କଷ୍ଟର ସାମ୍ନା କରୁ । ତେଣୁ ସେ ନିଜର ପ୍ରେମକୁ ନିଜ ମନଭିତରେ ହିଁ ବନ୍ଦକରି ରଖିଥିଲା ଏବଂ ଏପରି ଏକ ସମୟ ଉପସ୍ଥିତ ହେଲା ଦୁହିଁଙ୍କ ବିଚ୍ଛିନ୍ନ ହେବାର ଘଟଣା ଚର୍ତୁଃଦିଗରେ କମ୍ପିତ ହେଲା । ଝିଅଟି ସେ ବିଚ୍ଛିନ୍ନତାର ଘଟଣାରେ ଅଧିର ହୋଇପଡୁଥିଲା । କାରଣ ସେ ପୁଅ ବିନା କେମିତି ବଞ୍ଚିବ ଭାବି ଚର୍ତୁଃଦିଗ ତାକୁ ଅନ୍ଧାକାରମୟ ଲାଗୁଥିଲା । ଏସବୁ ଭିତରେ ତାର ପୂର୍ବସ୍ମୃତିସବୁ ତା ଆଖିରେ ନାଚି ଉଠୁଥିଲା । ସେ କିପରି ସେ ପୁଅକୁ ଭଲପାଉଥିଲା ଏବଂ ଭଲପାଇବା ପାଇଁ କ'ଣ ସବୁ କରିଥିଲା ଏବଂ ଦୁହିଁଙ୍କର ସେହି ମଧୁର ସମୟ ତାକୁ ତାର ବିବ୍ରତ ମନରେ ଶାନ୍ତି ପ୍ରଦାନ କରୁଥିଲା । ସେ ସେହି ସ୍ମୃତିକୁ କେବେ ମନରୁ ଲିଭିବାକୁ ଦବନି । ସେ ଚିରପ୍ରତିଜ୍ଞାବଦ୍ଧ ଥିଲା । ସେ ଭଲପାଉଥିବା ପୁଅ ବିନା ବଞ୍ଚିପାରିବ କିନ୍ତୁ ସେ ପୁଅର ଭଲପାଇବା ବିନା ନୁହେଁ ଏବଂ ଯାହା ସେ ପୁଅଟି ତାକୁ ଦେଇସାରଚି । ଅନ୍ୟପଟେ ପୁଅଟି ମଧ୍ୟ ବିଚ୍ଛିନ୍ନକୁ ହଠାତ୍ ନିଜର କରିପାରି ନଥିଲା । କାରଣ ସେ ଝିଅଟି ତା ଭଲପାଇବାର ଶକ୍ତିରେ ତାର ହୃଦୟର କୌଣସି ଏକ କୋଣକୁ ଜିଣିସାରିଥିଲା । କିନ୍ତୁ ପୁଅଟି ଉଭୟ ପରିବାରକୁ ଦେଖି ଏବଂ ସେ ଝିଅର ଖୁସି ପାଇଁ ଝିଅଟିକୁ ଛାଡ଼ିବାକୁ ପ୍ରସ୍ତୁତ ହୋଇଗଲା କିନ୍ତୁ ସେ ବି ନିଶ୍ଚିତ ଥିଲା ଜୀବନର ଶେଷ ମୁହୂର୍ତ୍ତ ପର୍ଯ୍ୟନ୍ତ ସେ ଝିଅଟିର ନିର୍ଲୋଭ ପ୍ରେମକୁ ଭୁଲିପାରିବନି, ଏହିପରି ଭାବରେ ଦୁହିଁଙ୍କ ମଧୁର ପ୍ରେମର ଯନ୍ତ୍ରଣାଦାୟକ ଅନ୍ତ ହେଲା । କିନ୍ତୁ ଝିଅଟି ଭାବିଲା "ଇଏ ଅନ୍ତ ନୁହେଁ, ଏଇତ ପ୍ରେମର ଆରମ୍ଭ" କାରଣ ବିଚ୍ଛିନ୍ନ ପରେ ମଧ ଭଲପାଇବାକୁ ମନରେ ରଖି ଆଗକୁ ବଢ଼ିବା ହିଁ ପ୍ରେମର ଆରମ୍ଭ । ଏ ପ୍ରେମ ସଫଳ ପ୍ରେମ କାହାଣୀ ହୋଇନପାରେ କିନ୍ତୁ ପ୍ରେମର ପ୍ରକୃତ ପଥକୁ ଚରିତାର୍ଥ କରୁଅଛି । ଉଭୟ ଉଭୟଙ୍କଠୁ ଦୂରେଇ ଯାଇଛନ୍ତି କିନ୍ତୁ ତାଙ୍କର ପ୍ରେମ ଅଧିକ ନିକଟତର ହୋଇଯାଇଛି । ଏହି କାହାଣୀ ପାଠକ ପାଠିକାମାନଙ୍କୁ ସୁଖ ପ୍ରଦାନ କରିନପାରେ କିନ୍ତୁ ଆଜିର ଦୁନିଆରେ ପ୍ରେମର ପ୍ରକୃତ ଅର୍ଥକୁ ଯଥାର୍ଥ୍ୟ ପ୍ରଦାନ କରିପାରିବ । କାରଣ ଏପରି ପ୍ରେମର ଅନ୍ତ କେବେ ହୋଇନପାରେ । ଏ ପ୍ରେମ ଅମର ହୋଇ ରହିବ ଦୁହିଁଙ୍କ ମନ ଭିତରେ । ଝିଅଟିର ମନରେ ତା'ର ପ୍ରେମିକ ଠୁ ଦୂରେଇବାର କଷ୍ଟ ଥାଏ । କିନ୍ତୁ ସେ ପ୍ରତିଜ୍ଞାବଦ୍ଧ ଥିଲା ତାକୁ ଜୀବନରେ ଆଗକୁ ବଢ଼ିବାକୁ ହେବ, ନିଜ ପାଇଁ କିଛି କରିବାକୁ ହେବ । କାରଣ ଏହା ହିଁ ସେ ପୁଅର ଇଚ୍ଛାଥିଲା । ସେ ପୂର୍ବରୁ ମଧ ପୁଅର ଖୁସି ନିମନ୍ତେ ସବୁ କରୁଥିଲା । ସେହିସମୟରେ ଆଶା ରଖିଥିଲା ପୁଅର ପ୍ରେମ ଟିକକ ପାଇବ ଏବଂ ଏବେ ମଧ ସେ ପୁଅର ଖୁସି ପାଇଁ ତା ଠାରୁ ଦୂରେଇ ଯିବ ଓ ଆଶା ରଖିବ ଏ ପ୍ରେମଏହିପରି ତା ମନରେ ଚିରଦିନ ପାଇଁ ରହୁ । ଝିଅଟି ଜାଣିଥିଲା ଆଗର ଜୀବନରେ ହୁଏତ, ଦୁହେଁ ଆଉ ପରସ୍ପରକୁ ଦେଖିପାରିବେନି କିନ୍ତୁ ପ୍ରତିଦିନ ରାତିରେ ସେ ପୁଅ ତାର ଭାବନାରେ ଆସି ତା ଭଲପାଇବାକୁ ପ୍ରତିଦିନ ଜାଗ୍ରତ କରିଦେବ । ଝିଅଟି ମନେ ମନେ

ଭାବିନେଇଥିଲା ଜୀବନରେ ହଜାର ଭଲପାଇବା ମିଳୁପଛେ ତା ସ୍ଥାନ କେହି ନେଇପାରିବେନି । କାରଣ ଜଣଙ୍କଠୁ ଦୂରେଇଗଲେ ଜୀବନ ସରିଯାଏନି କିନ୍ତୁ ହଜାର ଜଣ ମିଳି ଗଲେବି ସେହି ଜଣଙ୍କର ଉପସ୍ଥିତି ଭୁଲି ହୁଏନି । ସେ ବି ମନରେ ଭାବିନେଇଚି ଏମିତି ପୁଅଟିକୁ ତାର ଶେଷ ମୂହୁର୍ତ୍ତ ପର୍ଯ୍ୟନ୍ତ ଭଲପାଉଥିବ । ଏବଂ ଭଗବାନଙ୍କୁ ଡାକୁଥିବ ଏ ଜନ୍ମରେ ନହେଲା ନାହିଁ ଯଦି ପୁର୍ନଜନ୍ମ ଥାଏ ତେବେ ନିଶ୍ଚୟ ଆର ଜନ୍ମରେ ପୁଣି ଥରେ ତାର ପ୍ରେମିକା ବନେଇ ଦିଅ । କାରଣ ସେ ସେହି ସମୟ ପର୍ଯ୍ୟନ୍ତ ହାରିବନି ଯେଉଁ ପର୍ଯ୍ୟନ୍ତ ନିଜେ ଭଗବାନ ତାର ପ୍ରେମ ପାଖରେ ହାରି ନାହାଁନ୍ତି ।

ପ୍ରକୃତରେ ଏ ଭଲପାଇବାରେ ହୁଏତ ସୁଖ ନାହିଁ କିନ୍ତୁ ଆତ୍ମତୃପ୍ତି ଅଛି । ଯାହା ପାଠକ ପାଠିକାଙ୍କ ମନରେ ଆଜିର ଏ ସ୍ୱାର୍ଥ ଜର୍ଜରିତ ଦୁନିଆ ମଧ୍ୟରେ ଏମିତିବି ଏକ ପ୍ରେମ ଅଛି ଯାହା ସ୍ୱର୍ଗୀୟ, ଏହାର ଉକ୍ତି ଯଥାର୍ଥ ଭାବେ ପ୍ରତିପାଦିତ କରିବ । ଏହା ନିଃସନ୍ଦେହ । Because true love is a never ending story actually the story starts from here.

"ସ୍ଥୁଳକଳେବର ନୁହଇ ଅମର
ଅମର କେବଳ ମନ,
ମନଯଦି ସଙ୍ଗ ହୋଇନାହିଁ ଭଙ୍ଗ
ସେହି ସୁଖ ସୁଖେ ଗଣ୍ୟ ।"
(ତପସ୍ୱିନୀ, ଗଙ୍ଗାଧର ମେହେର)

ଇନ୍ଦିରାଗାନ୍ଧୀ ମହିଳା ମହାବିଦ୍ୟାଳୟ, କଟକ



EMERALD
EDUCATION
+2 Science
+3 Science
(Hons & Pass)

Hostel For Boys & Girls
SURYALOKA LANE, CHANDI CHHAK, CUTTACK
DIAL : 9337894203, 8280320966

# ପାଗଳ

ଡକ୍ଟର ବିଦ୍ୟୁତ୍‌ପ୍ରଭା ମିଶ୍ର

କାମନା ମଣିଷକୁ ଆତ୍ମବିଭୋର କରାଏ । ସୁଖର କୁଞ୍ଜବନ ମଧ୍ୟରେ ଅମରାବତୀର ସପ୍ନଦେଖାଏ । ବାସନାରେ ଆହ୍ଲାଦିତ ହୋଇ ମଣିଷ ଅହର୍ନିଶି ମଧୁକୁଞ୍ଜମାନ ଗଢ଼େ, ସପ୍ନରେ ବିଭୋର ହୁଏ । ମାୟା ମୋହ ଭିତରେ ଆତ୍ମତୃପ୍ତି ଅନୁଭବକରେ । ଯାହା କ୍ଷଣିକ ଜାଣି ମଧ୍ୟ ମଣିଷ କାମନା ବାସନା ମୋହ ମାୟା ମଧ୍ୟରେ ଆତ୍ମ ନିମଗ୍ନ ହେବାକୁ ଭାରି ଭଲ ପାଏ । କିନ୍ତୁ ମନଭିତରୁ ଥରେ ଯଦି ଏହି କାମନା ବାସନା ଅପସରି ଯାଏ ତା'ର ମନ ଚ ଳ ନହୋଇ ହୁଏ ସ୍ଥିର । ସପ୍ନରେ ବିଭୋର ନହୋଇ ହୁଏ ଶାନ୍ତ । ସବୁଗୁଡ଼ିକ ତା ପାଇଁ ସ୍ଥିର, ସମାନ, ଅଚ ଳ, ଶାନ୍ତ, ସ୍ନିଗ୍ଧସରଳ ପରି ମନେ ହୁଏ । ନିଜକୁ ନିଜେ ଜାଣିବାର ଶକ୍ତି ମଧ୍ୟ ଯଦି ମଣିଷ ହରାଇ ବସେ ସେ ମଧ୍ୟ ଶାନ୍ତ, ସ୍ନିଗ୍ଧ, ସରଳ ଚରିତ୍ରଟିଏ ହୋଇଯାଏ । ନା ମନରେ ଥାଏ ଅହଙ୍କାର ନା ବିକାର ।

ଛାତ ଉପରେ ବସି ପ୍ରକୃତିର ରୂପଲାବଣ୍ୟକୁ ଉପଭୋଗ କରୁଛନ୍ତି ବିଚିତ୍ରାନନ୍ଦ ବାବୁ । ଫୁଲ କୁଣ୍ଡରେ ଫୁଟିଥିବା ଫୁଲ ଗୁଡ଼ିକ ପବନର ମନ୍ଦ ମନ୍ଦ ସ୍ପର୍ଶରେ ଦୋଳାୟିତ ସେମାନେ । ପାଦରେ ବନ୍ଧନ ଅଛି କାରଣ କୁଣ୍ଡର ସୀମିତ ପରିବେଷ୍ଟନୀରେ ବାନ୍ଧିହୋଇଛନ୍ତି ତଥାପି ମନରେ ଉତ୍‌ଫୁଲ୍ଲିତ ଭାବ । ଫୁଲ କୁଣ୍ଡରେ ଫୁଟିଥିବା ଲାଜକୁଳୀ ଗୋଲାପ ଉପରୁ ଆଖି ଫେରାଇ ନେଲାବେଳେ ଆଖି ପଡିଲା ଖୋଲା ରାସ୍ତାରେ ଦୋଛକି ଉପରେ ବସିଛି ପାଗଳଟିଏ । ପରିତ୍ୟକ୍ତ ପୋଷାକ, ଅପରିଷ୍କାରର ଦାଗ, ଉପରେ ଆସନା ଚିରା ସାର୍ଟଟିଏ ଦେହରେ ଅପରିଷ୍କାର ଘୋଡଣୀ, ବାଳଗୁଡ଼ିକ ଲମ୍ବା ଲମ୍ବା, ହାତ ଗୋଡ଼ ଓ ସମଗ୍ର ଶରୀରଟି ଅପରିଷ୍କାରରେ ଆଚ୍ଛାଦିତ । ସମଗ୍ର ଶରୀରରେ ରହିଛି ଅସ୍ୱାଭାବିକତା କିନ୍ତୁ ପାଗଳର ମନଟା ପୁରା ଶାନ୍ତ ନା ଅଛି ଅହଙ୍କାର ନା ବିକାର । ନିର୍ବିକାର ଭାବେ କୁକୁରଟି ଡ୍ରେନ୍ କଡ଼ରେ ପଡିଥିବା ଖାଦ୍ୟ ଗୁଡ଼ିକୁ ଖାଉଥିବା ବେଳେ ପାଗଳ ମଧ୍ୟ ତା' ଠାରୁ ବଳିଥିବା ସେହି ଖାଦ୍ୟ ଗୁଡ଼ିକୁ ଖାଇ ଲାଗିଛି ମହାତୃପ୍ତିରେ । ମୁଁ ଅନୁଭବ କରୁଥାଏ, ଯେଉଁ ଆତ୍ମତୃପ୍ତି ମୁଁ ପାଇପାରୁନି ଫୁଲଦାନୀ ସଜାହୋଇଥିବା ଡାଇନିଙ୍ଗ୍ ଟେବୁଲ୍ ଉପରେ ବିଭିନ୍ନ ପ୍ରକାର ସୁସ୍ୱାଦୁ ବ୍ୟାଞ୍ଜନ ସବୁ ଖାଇବା ଭିତରେ କିନ୍ତୁ କୁକୁର ସାଥିରେ ଡ୍ରେନ୍ କଡରୁ ଆବର୍ଜନା ଭିତରେ ପରିତ୍ୟକ୍ତ ଖାଦ୍ୟଗୁଡ଼ିକୁ ଖାଇବାରେ ବେଶ୍ ଶାନ୍ତି ଅନୁଭବ କରୁଥିଲା ପାଗଳଟି । ତାର ମୁଖମଣ୍ଡଳରୁ ହସ ଟିକକରୁ ତାର ଆତ୍ମତୃପ୍ତି ବେଶ୍ ଅନୁଭବ କରିହେଉଥିଲା । ସତେ ଯେମିତି ମୁଁ ଅନୁଭବ କରୁଥିଲି ସବୁ ଦୁଃଖ, ପରିତାପର ବହୁ ଊର୍ଦ୍ଧ୍ୱରେ ଏ ପାଗଳଟି ଏପରି ବିଚିତ୍ର ଘଟଣାକୁ ଦେଖି ମୁଁ ଛାତଉପରୁ ଓହ୍ଲାଇ ପାଗଳ ପାଖକୁ ଯିବାର ପ୍ରୟାସ କଲି । କୁକୁର ଓ ସେ ପାଗଳଟି ପରସ୍ପର ଅତି ପରିଚିତ ପରି ଖାଉଛନ୍ତି ଗୋଟିଏ ଡଷ୍ଟବିନ୍ ଭିତରୁ ସତେଯେମିତି ବହୁତ ଦିନର ବନ୍ଧୁତା ତାଙ୍କର । ଏପରି ବନ୍ଧୁତା ଦେଖି ମୋତେ ଲାଗିଲା ସତରେ ନିଜକୁ ଯେତେବେଳେ ମଣିଷ ଭୁଲିଯିବ ସେ ସମସ୍ତଙ୍କୁ ସମାନତା ଦେଖି ଯାହା ଶାସ୍ତ୍ରପୁରାଣରେ କୁହାଯାଇଛି "ସର୍ବବ୍ରହ୍ମ ମୟ" ଅର୍ଥାତ୍ ସବୁ ଆଡେ ବ୍ରହ୍ମମୟ । ଆମ୍ଭେ ଏହାକୁ ଉପଲବ୍ଧି କରିପାରୁନୁ କିନ୍ତୁ ହାୟ ଏ ପାଗଳଟି ତାର ଓ କୁକୁର ଭିତରେ ଥିବା ପାର୍ଥକ୍ୟକୁ ଜାଣିପାରୁନି ଯେଉଁଥିପାଇଁ ତା ଭିତରେ କିଛି ବିକାର ହିଁ ନାହିଁ । ସତେଯେମିତି କୁକୁର, ପରିତ୍ୟକ୍ତ ଖାଦ୍ୟ ପଦାର୍ଥ, ଅପରିଷ୍କାର ଅପରିଚ୍ଛନ୍ନତା ସବୁକିଛି ଭିତରେ ସେ ବେଶ୍ ଖୁସି ଥିବା ଅନୁଭବ କରିପାରୁଥିଲି ମୁଁ । ଅତିନିକଟତର ହୋଇ ଯେତେବେଳେ ସେ ପାଗଳ

ପାଖକୁ ଗଲି ନିଜକୁ ନିଜେ ବିଶ୍ୱାସ କରିପାରିଲିନି ମୁଁ, ସେ ପାଗଳ ଆଉ କେହି ନୁହେଁ ସେ ମୋର ବହୁଦିନର ପୁରୁଣା ବନ୍ଧୁ ଅସୀମାନନ୍ଦ । ନିଜକୁ ନିଜେ ସମ୍ଭାଳି ପାରିଲିନି ମୁଁ ।

ମୋର ପିଲାଦିନର ସାଥୀ ଅସୀମାନନ୍ଦ । ସାଙ୍ଗହୋଇ ଗାଁ ସ୍କୁଲରେ ପାଠପଢୁଥିଲୁ ସବୁବେଳେ ଆନନ୍ଦିତ ତାର ମୁଖ ମଣ୍ଡଳ । ବିଦ୍ୟାଳୟରେ ଭଲଛାତ୍ର ଭାବେ ତାର ବେଶ୍ ନାଁ ଥିଲା । ପାଠପଢ଼ା ସହିତ ଅନ୍ୟସବୁ ଦିଗରେ ସିଦ୍ଧହସ୍ତ ଥିଲା ସେ । ସେଥିପାଇଁ ସବୁ ଶିକ୍ଷକ ଶିକ୍ଷୟିତ୍ରୀ ଙ୍କର ଆଦରର ପାତ୍ର ଥିଲା । ଏକା ସଙ୍ଗେ ମାଟ୍ରିକ୍ ପାସ କରି କଲେଜରେ ବିଏ ପାସ କରି ମୁଁ ହେଲି ଶିକ୍ଷକ ସେ ହେଲା ଓଡ଼ିଶା ସରକାରଙ୍କର ଦପ୍ତରର ଏକ କିରାନୀ । ଯା ଭିତରେ ବହୁତ ଦିନ ବିତିଗଲାଣି ମୋର ଆଉ ତା ସହିତ ସମ୍ପର୍କ ହିଁ ନାହିଁ କାରଣ ସଂସାରଟା ହିଁ ସେୟା ପୁରୁଣା ସମ୍ପର୍କ ଗୁଡ଼ିକ ଆସ୍ତେ ଆସ୍ତେ ଛିଣ୍ଡିଯାଏ ଓ ନୂଆ ସଂପର୍କ ବାନ୍ଧି ହୋଇଯାଏ ଆପେ ଆପେ । ପିଲାଦିନର ସେ ଆନନ୍ଦିତ ମୁଖ ମଣ୍ଡଳଟା ଆଜି ମଧ୍ୟ ଦେଖି ଆନନ୍ଦିତ ଦେଖାଯାଉଛି । ଖାଲି ଫରକ ଏତିକି ସେଦିନ ସେ ଅସୀମ ଆନନ୍ଦକୁ ଉପଭୋଗ କରୁଥିଲା ତାର ପାରଙ୍ଗମତା ଭିତରେ ଆଜି କିନ୍ତୁ ନିଜକୁ ସମ୍ପୂର୍ଣ୍ଣ ଭୁଲିଯାଇଥିବା ପାଗଳଟିର ଆନନ୍ଦ ଅନୁଭବ କରୁଛି ଅହଂକାର ଓ ବିକାରଠୁ ଦୂରରେ ଥାଇ । ଚାକିରୀଜୀବନଠୁ ତାପରେ ଥରେ ମାତ୍ର ସାକ୍ଷାତ ହୋଇଥିଲା ତା'ର ମୋ ସାଥୀରେ । ଅଳ୍ପ ସମୟ ହେଲେ ମଧ୍ୟ ତା ଜୀବନର ତିକ୍ତ ଅନୁଭୂତିଗୁଡ଼ିକୁ ଏକ ନିଃଶ୍ୱାସରେ କହି ପକାଇଥିଲା ସେ । ତାର କଥାରୁ ମୁଁ ସେଦିନ ଜାଣିଥିଲି ସୁଖରେ ନଥିଲା ସେ । ସ୍ତ୍ରୀର ମୃତ୍ୟୁପରେ ପୁଅ ବୋହୂ ଅଣଦେଖା କରୁଥିଲେ ତାକୁ । ସଂସାରର ସମ୍ପର୍କ ସୂତା ଖିଅଟା ଛିଣ୍ଡିଯାଇ ଥିଲା ତା ପାଇଁ । ବିଷର୍ଣ୍ଣ ବଦନରେ କାନ୍ଦି କାନ୍ଦି ସେ ଦିନ ସବୁ ଦୁଃଖ କଥାଗୁଡ଼ିକ କହି ପକାଇଥିଲା । ଜୀବନଟା ହିଁ ସୁଖ ଦୁଃଖର ପୃଷ୍ଠା ସମ୍ବଳିତ ପୁସ୍ତକ । ବହିର ପୃଷ୍ଠାକୁ ଲେଉଟାଇବାକୁ ହୁଏ କିନ୍ତୁ ଜୀବନର ପୃଷ୍ଠା ଆପେ ଆପେ ଲେଉଟିଯାଏ । ସେହିଦିନ ତାର ଦୁଃଖ କଥାଗୁଡ଼ିକ ଶୁଣିବା ପରଠାରୁ ମୁଁ ଚାଲି ଆସିଥିଲି ବହୁତ ଦୂରକୁ । ଯା ଭିତରେ ପ୍ରାୟ ଦଶବର୍ଷ ବିତିଗଲାଣି ଆଉ ଦେଖା ହୋଇନି ତା ସହିତ । ଆଜି ଦେଖୁଛି ସେଦିନର ଦୁଃଖରେ ଭାଙ୍ଗିପଡିଥିବା ସେହି ବିଷର୍ଣ୍ଣ ବଦନର ଅସୀମାନନ୍ଦ ସତେ ଯେମିତି ପୁଣି ତାର ପୂର୍ବ ଆନନ୍ଦକୁ ଫେରି ପାଇଛି । କାନ୍ଦି କାନ୍ଦି ବିଭୋର ହୋଇଯାଉଥିଲା ସେଦିନ ଧିକ୍ ଏ ସଂସାର । ଯେଉଁମାନଙ୍କୁ ହାତରେ ଗଢ଼ି ମଣିଷ କଲି, ନିଜ ରକ୍ତରୁ ଗଢ଼ିଲି, ନିଜ ଖାଇବାରୁ ଖାଇବା ଦେଇ ଉପାସ ରହିଲି, ନିଜେ ଛିଣ୍ଡା ଚିରା ପିନ୍ଧି ତାଙ୍କୁ ଭଲ ପିନ୍ଧେଇଲି,ପେଟରେ ଭୋକ ମାରି ତାଙ୍କର ପାଠପଢ଼ା ସବୁ ବହନ କରି ଆଜି ସେହିମାନଙ୍କ ପାଖରେ ତାଙ୍କୁ ଗଢ଼ିଥିବା ମଣିଷଟି ଏତେ ଅଦରକାରୀ ହୋଇ ପଡିଛି ଯେ ତାକୁ ଖାଇବାକୁ ଦେବା ମଧ୍ୟ ସେମାନଙ୍କ ପାଇଁ ଅଦରକାରୀ ହୋଇ ଯାଇଛି । ଏ ହେଉଛି ଦୁନିଆ । ଅନ୍ୟକୁ ଦେଉଥିବା ପର୍ଯ୍ୟନ୍ତ ସମ୍ପର୍କ ଟା ଅତୁଟଥାଏ କିନ୍ତୁ ସମ୍ପର୍କର ବାନ୍ଧି ହୋଇଥିବା ଲୋକଟାକୁ ଯେତେବେଳେ ପ୍ରତିଦିନରେ କିଛି ଦେବାକୁ ପଡେ ସେତେବେଳେ ସୂକ୍ଷ୍ମ ଖିଅଟା ଛିଣ୍ଡିଯାଏ ।

ଦଶବର୍ଷ ତଳେ ସେ ବିଷର୍ଣ୍ଣ ସୂତାଟା ଆଜିପୁଣି ଫେରି ପାଇଛି ସେ ଅନନ୍ଦକୁ । ଦୁଃଖରେ ଭାଙ୍ଗି ପଡିଥିବା ସେଇ ମଣିଷଟି ସତେ ଯେମିତି ଆଜି ପୁଣି ମନଖୋଲା ହସୁଛି । ହସିବାରେ ନାହିଁ ବନ୍ଧନ, ଗୋଡରେ ନାହିଁ ସଂସାରର ବେଡି, ପିଠି ଉପରେ ନାହିଁ ସମ୍ପର୍କର କୋରଡା, ମନଟା ସତେଯେମିତି ସେ ଚିଦାକାଶ ତଳେ ଚିଦାନନ୍ଦ ପର୍ଦାବିନ୍ଦରେ ଲିପ୍ତ ହୋଇଯାଇଛି ଯେଉଁଠି ନାହିଁ ମୁଁ କାର ବା ଅହଂକାର କି ନାହିଁ ଭିନ୍ନତା ବୋଧର ବିକାର ।

ଅଧ୍ୟାପିକା,ଓଡ଼ିଆ ଭାଷା ସାହିତ୍ୟ ବିଭାଗ
ପ୍ରଜାମଣ୍ଡଳ ମହିଳା ମହାବିଦ୍ୟାଳୟ, ନୟାଗଡ଼

# ଶ୍ରାବଣୀର ଆକାଶ

ଦିପୁନ୍ ପ୍ରଧାଣ

ପରୀ ରାଇଜ-ଝଲ୍‌ମିଲ୍ ସ୍ୱପ୍ନର ରଙ୍ଗିନ୍ ଫୁଆରା କୁଆଡ଼େ ହଜିଯିବ, ହଜିଯିବ ଚୁଲ୍‌ବୁଲି ପ୍ରଜାପତିର ରଙ୍ଗବେରଙ୍ଗ ପର ଦୁଇଟା । ପଥରୁଦ୍ଧ ହୋଇଯିବା ସେଇ ଟିକି ପାହାଡ଼ି ଝରଣାଟି ଯିଏ ଦିନେ ଚିକ୍ ଚିକ୍ ସୂର୍ଯ୍ୟ କିରଣରେ ଚହଲି ଝୁମି ଝୁମି ଗାଇ ଉଠୁଥିଲା କେତେ ରାଗରାଗିଣୀର ସାରେ ଗା ମା । ବାସ୍ ଆଉମାତ୍ର ଗୋଟିଏ ଦିନ । ମାତ୍ର ଗୋଟିଏ ଦିନ ପରେଏଇ 'ଶ୍ରାବଣୀ' ପର ହୋଇଯିବ ତା'ର ଚିରପରିଚିତ ପୃଥିବୀ ପାଇଁ । ଗୋଟେ ନୂଆ ଦୁନିଆ, ଗୋଟେ ନୂଆ ଜୀବନ ଆଉ ଗୋଟେ ନୂଆ ଭୂମିକା ତା' ପାଇଁ ଅପେକ୍ଷାରତ । କାଲିର ସୂର୍ଯ୍ୟ ତା' ପାଇଁ କେଉଁ ରଙ୍ଗନେଇ ଆସିବ ସେ ନିଜେ ବି ଜାଣେନା । ଏକଥା ବି ଜାଣେନା ଜୀବନର କାନ୍‌ଭାସ୍‌ରେ ଆଉଥରେ ରଙ୍ଗ ଲାଗିବକି ନାହିଁ। କାଲି ଆଉ ଆଜିର ସନ୍ଧକ୍ଷଣ ଭାବନାରେ ଭାରାକ୍ରାନ୍ତ ହୋଇଯାଉଥିଲା ଶ୍ରାବଣୀ । ପୂର୍ବପରି ନୀରବ ନିଶ୍ଚଳ ହୋଇ ଚାହିଁ ରହିଥିଲା ସେହି ଦୂରଦିଗ୍‌ବଳୟକୁ ; ଯେଉଁଠି ଅଦିନିଆ ମେଘଖଣ୍ଡେ 'ଏଇ ବର୍ଷ ଯିବି ଏଇ ବର୍ଷ ଯିବ' ବୋଲି ଆତଙ୍କିତ କରୁଥିଲା ସମଗ୍ର ପରିବେଶକୁ । ସେଥିପ୍ରତି ନିଘା ନଥାଏ ଶ୍ରାବଣୀର । କେଉଁ ଏକ ଅନାଗତ କାଳର ଅନିଶ୍ଚିତ ବିଭିଷିକା ଶିହରିତ କରି ଦେଉଥାଏ ତା'ର ସୁଠାମ ତନୁଶ୍ରୀକୁ, ଆହୁରିବି ଆସନ୍ନ ବର୍ଷାର ତୀବ୍ର ହିଲ୍ଲୋଳ ଇତଃସ୍ତତଃ କରିଦେଉଥାଏ ତା'ର ମୁକୁଳିତ କେଶରାଶି ଆଉ ଚୂର୍ଣ୍ଣ ଚିକୁରକୁ ।

— ଶ୍ରୀବଣୀ, ଏ ଶ୍ରାବଣୀ !

— ଦେଖ୍ ବର୍ଷା ଆସିଲାଣି । ଚାଲ୍ ରୁମ୍ ଭିତରକୁ ଯିବା, ନହେଲେ ଭିଜିଯିବୁ ଯେ ।

ଚିହିଁକି ଉଠିଲା ଶ୍ରାବଣୀ । ଭାବନା ଦୁନିଆଁରୁ ଆଖି ଫେରାଇ ଆଣି ଦେଖିଲା ସାମ୍ନାରେ ଛିଡ଼ା ହୋଇଛି ତା'ର ସହପାଠିନୀ ସ୍ୱରୂପା । ତା'ର ଭାବନାରେ ବ୍ୟାଘାତ ଦେଇଥିବାରୁ ମନେ ମନେ ବିରକ୍ତ ହେଉଥିଲା ସ୍ୱରୂପା ଉପରେ । କିନ୍ତୁ ସବୁ ବିରକ୍ତି କୁ ଚାପିରଖି ଗଭୀର ଭାବରେ ଉ ର ଦେଲା –

— ତୁ ଯା' ମୁଁ ପରେ ଯିବି ।

— ପରେ ଯିବୁ ! ମାନେ କ'ଣ ବର୍ଷାରେ ଭିଜିସାରିବା ପରେ ଯିବୁ ନା କ'ଣ ? ଭ୍ରୁକୁ ନ କରି ପ୍ରଶ୍ନକଲା ସ୍ୱରୂପା ।

— କହିଲି ତ ମୁଁ ପରେ ଯିବି ବୋଲି, ତୁ ଯାଉନୁ କାହିଁକି କହିଲୁ ?

ପ୍ଲିଜ୍ ତୁ ଏଠୁ ଯା', ମୋତେ ଡିସ୍‌ଟ୍ରବ୍ କରନା –

ଅପ୍ରସ୍ତୁତ ଭାବରେ ଉ ତ ର ଦେଲା ଶ୍ରାବଣୀ । ସ୍ୱରୂପାର ଉପସ୍ଥିତି ତାକୁ ଆଦୌ ଭଲ ଲାଗୁନଥାଏ । କିଛି ସମୟ ଏକୁଟିଆ ରହିବାକୁ ଚାହୁଁଥିଲା ସିଏ ।

— ଠିକ୍ ଅଛି ମୁଁ ଯାଉଛି, ସେଇଠି ସେମିତି ବସିଥା, ବର୍ଷାରେ ଭିଜିଲେ ଯାଇ ଜାଣିବୁ, ପରେ ମୋତେ ଆଉ ଦୋଷ ଦେବୁନି –

— ଧିରେ ଧିରେ ଅପସରି ଯାଉଥାଏ ସ୍ୱରୂପାର କଣ୍ଠଧ୍ୱନୀ, ଅପସରି ଯାଉଥାଏ ତା'ର ପାଦ

ପାଉଁଜିର ଗୁଞ୍ଜନ। ଶ୍ରାବଣୀ ଚାହିଁ ରହିଥାଏ ସରୂପାର ଯିବା ବାଟକୁ। କ'ଣ କହିଗଲା ସରୂପା ! କାହିଁକି କହିଗଲା ? କିଛିବି ବୁଝିବାକୁ ପ୍ରସ୍ତୁତ ନଥିଲା ଶ୍ରାବଣୀ।

ବ୍ୟାଗ୍‌ରୁ ଫୋନ୍ ବାହାରକଲା । ଶେଷଥର ପାଇଁ ଶ୍ରେୟାଂଶ୍‌ଙ୍କ ପାଖକୁ ଫୋନ୍‌କଲା ଶ୍ରାବଣୀ। କିନ୍ତୁ ସେପଟୁ କେହି କଲ୍‌ର ଆନ୍‌ସର ଦେଉନଥାନ୍ତି। ଫୋନ୍ ପରେ ଫୋନ୍ କରିଚାଲିଥାଏ ଶ୍ରାବଣୀ, ହେଲେ ଶ୍ରେୟାଂଶ ତା'ର ଫୋନ୍ ରିସିଭ୍ କରୁନଥିଲେ। ଶେଷରେ ତା'ର ଅନ୍ତିମ ଚେଷ୍ଟା ଟିକକବି ବର୍ଷା ପାଣିର ବୁଦ୍‌ବୁଦ୍ ପରି ମିଳେଇଗଲା, ଯେତେବେଳେ ଶ୍ରେୟାଂଶ ତାଙ୍କର ଫୋନ୍‌କୁ ସୁଇଚ୍ ଅଫ୍ କରିଦେଲେ। ମାନୁନଥିଲା ଶ୍ରାବଣୀର ଅମାନିଆ ମନଟା ; ମନ କହୁଥିଲା ଶ୍ରେୟାଂଶ ତାକୁ ଭୁଲି ପାରିବେନି। ଏତେ ସହଜରେ କେମିତିବା ଭୁଲି ପାରିବେ ସିଏ ? ଦିନେଯିଏ ହାତକାଟି ନିଜ ରକ୍ତରେ ତା' ପାଇଁ ଚିଠି ଲେଖୁଥିଲେ ଆଜି ତାଙ୍କ ପାଇଁ ସେ ଏମିତି ଅଲୋଡ଼ା ହୋଇଗଲା କିପରି ? ଦିନଟିଏ କଲେଜ ନଗଲେ ଯିଏ ତାକୁ ଦେଖାକରିବା ପାଇଁ ଘରଯାଏଁ ଚାଲି ଆସୁଥିଲେ, ଆଜି ସେ ତା' ଜୀବନରୁ ଏତେ ଦୂର କେମିତି ବା ଚାଲିଯାଇ ପାରିବେ! ଯଦି ଏମିତି ଚାଲିଯିବାର ଥିଲା ତା' ହେଲେ ତା' ଜୀବନରେ ଆସୁଥିଲେ କାହିଁକି ? ଯଦିବା ଆସିଲେ, ଏମିତି ଅଧାବାଟରେ ଛାଡ଼ି ଚାଲିଗଲେ କାହିଁକି ? ତା'ର ମାନସ ପଟଳରେ ଖେଳିଯାଉଥାଏ ଏହିପରି ଅନେକ ପ୍ରଶ୍ନବାଚୀ ? ଏ ପ୍ରଶ୍ନବାଚୀର ଅଡୁଆ ଖିଅରେ ଛନ୍ଦି ହୋଇ ସେଠାରୁ ମୁକୁଳିବାକୁ ଅପ୍ରାଣ ପ୍ରୟାସ କରୁଥାଏ ଶ୍ରାବଣୀ।

ଆପଣାର ଅସ୍ତିତ୍ୱର ଲଢ଼େଇରେ ଯେଉଁ ଶେଷ ଆସ୍ଥାଟିକକ ତାକୁ ଆଜି ଟାଣି ଆଣିଥିଲା କଲେଜ ଯାଏଁ, ଶେଷରେ ସେ ଆସ୍ଥା ଟିକକ ବି ନିଷ୍ଫଳଗଲା। ପ୍ରେମର ସୁରକ୍ଷା ପାଇଁ ଯେଉଁ ତମାମ୍ ସଂଗ୍ରାମ୍ ଚଳାଇଥିଲା ଆଜି ସେ ଯୁଦ୍ଧରେ ସେ ଅସୁରକ୍ଷିତ। ନା ! ଏବେ ଆଉ ମୁକୁଳିବାର ବାଟ ନାହିଁ। ରାତି ପାହିଲେ ନିର୍ବନ୍ଧ। କେଉଁ ଏକ ଅଜଣା ଦୁନିଆଁର ଅଜଣା ମଣିଷର ହାତ ଧରି ତାକୁ ଚାଲିଯିବାକୁ ହେବ। ଛାଡ଼ିଯିବାକୁ ହେବ ତାର ଚିରପରିଚିତ ଦୁନିଆଁକୁ। ଛାଡ଼ି ଯିବାକୁ ହେବ ସବୁ ସୁଖ, ସବୁ ଶାନ୍ତି, ସବୁ ସ୍ୱଚ୍ଛନ୍ଦ୍ୟକୁ । ଆଉ ଦିନ କେଇଟାରେ ତା'ର ବାହାଘର ବି ହୋଇଯିବ। ବଉଳ ପାଟ ପିନ୍ଧି, ହାତରେ ମେହେଁଦି ନାଇ ସାତକଳସ, ଆଠ ଦୀପ, ଦଶଦିଗପାଳ ଆଉ ହୋମାଗ୍ନିର ଦ୍ୱାହି ଦେଇ ସେ ବରଣ କରିନେବ ଇତିହାସର ପୁନରାବୃତ୍ତିକୁ — "ବିନା ଆଶ୍ରେ ନବର୍ତ୍ତନ୍ତି କବିତା ବନିତା ଲତା" । ସେବି ଅକ୍ଳେଶରେ ମାନିନେବ ନାରୀ ଜୀବନର ଚରମ ପରାଜୟକୁ। ହଜିଯିବ ତା'ର କୁମାରୀତ୍ୱ, ତାର ନିଜି - ପଣିଆ, ତାର ନିଜି ସତ୍ତା। ସେଠି ତାର ଭାବିସ୍ୱାମିର ଅମାପ ଧନସମ୍ପତ୍ତି ଥିବ, ସମ୍ମାନ ଥିବ କିନ୍ତୁ ହଜିଯାଇଥିବ ତା'ର ମନଖୋଲ ହସ ଟିକକ। ସେଠି ନାଁ ଥିବ ତାର ସପ୍ନ, ତା' ପ୍ରେମ, ନାଁ ଥିବ ତା'ର ହାତଲେଖା ଶହ ଶହ କବିତା କି ତା'ର ଅଧାପିକା ହେବାର ସପ୍ନ। ନାଁ ତ ସେ ହୋଇପାରିବ ସମାଜ ସେବିକା ଟିଏ, ନାଁ ସାକାର କରିପାରିବ ନିଜ ଗୋଡ଼ରେ ନିଜେ ଠିଆ ହେବାର ସପ୍ନକୁ । ଭାବିଥିଲା ଶ୍ରେୟାଂଶ୍ ତା'ର ହାତଧରି ନେଇଯିବେ ବହୁତ୍ ଦୂରକୁ। ଗୋଟେ ନୂଆ ଦୁନିଆଁରେ ନୂଆ ନୂଆ ସପ୍ନରେ ମଜଗୁଲ୍ ଦୁଇଟି ହୃଦୟ ଯେଉଁଠି ଭିଜି ଯାଉଥିବେ ଶ୍ରାବଣର ବର୍ଷାରେ। ଯେଉଁଠି ଶ୍ରେୟାଂଶ ଥିବେ ତା'ର ଖୁବ୍ ପାଖରେ, ଆଉ ତାଙ୍କ ଉଷୁମ୍ ନିଶ୍ୱାସର ସ୍ପର୍ଶରେ ତା'ର ଓଦା ଓଦା ଦେହରେ ଖେଳିଯାଉଥିବ କାମାଗ୍ନିର ଜଉ ନିଆଁ......

ଧାରାଶ୍ରବୀ ଶ୍ରାବଣର ଧାରା ପରି ଶ୍ରାବଣୀର

ଚିଲିକା ନୀଳ ଆଖିରେ ଲୁହର ଧାରା ଏବେ ରୋକିବାର ନୁହେଁ। ପ୍ରଗଳଭା ଭାବରେ କାନ୍ଦି ଚାଲିଥାଏ ଶ୍ରାବଣୀ। ହୃଦୟର ସବୁ ଦୁଃଖ ଆଜି ଲୁହ ହୋଇ ବହି ଆସୁଥାଏ ତା'ଆଖିରୁ। କେଉଁଠି ଥିଲା କେଜାଣି ହଠାତ୍ ଝଡ଼ ବେଗରେ ଆସି ତା' ନିକଟରେ ପହଞ୍ଚି ଗଲା 'ଆକାଶ'। ଶ୍ରାବଣୀ ଆକାଶ୍‌ର ଉପସ୍ଥିତିକୁ ଅନୁଭବ କରିଛି କି ନାହିଁ ଆକାଶ୍ ହାତର ଏକ ଶକ୍ତ ଚାପୁଡ଼ାରେ ତା'ର ଦେହ ସ୍ତମ୍ଭିଭୂତ ହୋଇଗଲା। ଆଉ ଆଖି ଖୋଲି ସେ ଯେବେ ନିଜକୁ ଦେଖିଲା ସେତେବେଳେ ସେ ଥିଲା ଆକାଶର ବାହୁବନ୍ଧନ ଭିତରେ। କ'ଣ ସବୁ ଘଟି ଯାଉଛି କିଛିବି ବୁଝି ପାରୁନଥିଲା ଶ୍ରାବଣୀ। ବାସ୍ ମନ୍ତ୍ରମୁଗ୍ଧା ହୋଇ ଶୁଣୁଥାଏ ଆକାଶ୍‌ର କଣ୍ଠଧ୍ୱନୀ —

— ତୁ କ'ଣ ଭାବିଥିଲୁ। ତୋତେ ଦୁଃଖରେ ଦେଖି ମୁଁ କ'ଣ ସୁଖରେ ରହିପାରିବି ? ସେଦିନ ଶ୍ରେୟାଂଶ୍ ପାଇଁ ତୁ ସିନା ମୋ ଭଲପାଇବାକୁ ପାଦରେ ଏଡ଼େଇ ଦେଲୁ, ହେଲେ ମୁଁ କ'ଣ ତୋତେ ଭୁଲିପାରିବି ଶ୍ରାବଣୀ ! ଭାବିଥିଲି ଶ୍ରେୟାଂଶ ସହ ତୁ ଯଦି ଖୁସିରେ ରହିବୁ ତେବେ ତୋ ଖୁସି ହିଁ ମୋ ପାଇଁ ସବୁକିଛି। ସେଥିପାଇଁ ତୋ ଜୀବନରୁ ଦୂରେଇ ଯାଇଥିଲି ସିନା ହେଲେ ତୋତେ ମୁଁ ମୋ ଜୀବନରୁ କେମିତି ଦୂରେଇ ଦେଇ ପାରିବି ? ଯାହାର ସୁଖ ପାଇଁ ମୁଁ ସାରାଜୀବନର ଦୁଃଖକୁ ଆଦରି ନେଇଥିଲି, ଆଜି ସିଏ ମୋ ଆଖି ଆଗରେ କାନ୍ଦିବ ଏ କଥା ମୁଁ କେମିତି ସହି ପାରିବି କହିଲୁ ? ତୋ ଖୁସି ପାଇଁ ମୁଁ କିଛି ବି କରି ପାରିବି, ଯେତେ ଝଡ଼ ଝଞ୍ଜା ଆସିଲେବି ମୁଁ ତା'ର ସମ୍ନା କରିବାକୁ ପ୍ରସ୍ତୁତ ଅଛି। ତୁ ପୁଣି ହସିବୁ, ତୋର ସବୁ ସୁଖ ଆଉ ସବୁ ସ୍ୱପ୍ନକୁ ପୁରା କରିବୁ। ବାସ୍ ଥରୁଟିଏ ପାଇଁ ମୋତେ ନିଜର କରିନେ, ଦେଖିବୁ ! ସାରା ଦୁନିଆଁକୁ ପିଛାକରି ଆମେ ଗୋଟେ ନୂଆ ଦୁନିଆଁ ଗଢ଼ିବା। ନୂଆ ରଙ୍ଗରେ ଜୀବନକୁ ରଙ୍ଗେଇ ଦେବା। ଯେତେ ଶ୍ରାବଣ ଆସିଲେ ବି ସେ ରଙ୍ଗକୁ ଧୋଇ ପାରିବନି।

ଆକାଶ୍‌କୁ ଆଚ୍ଛନ୍ନ କରି ରଖିଥିଲା ଅଦିନିଆ ମେଘ ଖଣ୍ଡଟି ଏବେ ବର୍ଷିବା ଆରମ୍ଭ କରିଦେଲାଣି। ଭିଜାମାଟିର ମତୁଆଲା ବାସ୍ନାରେ ଦେହ ଆଉ ମନ ଶିହରିତ କରିଦେଉଥାଏ। ସୁ - ସୁ ପବନ ସହ ବର୍ଷାର ଛିଟା ମାଟି ଆଉ ଆକାଶ୍‌କୁ ଏକାତ୍ମ କରିଦେଲାଣି। ହେଲେ ଶ୍ରାବଣୀ ପୂର୍ବପରି ନୀରବ ନିଶ୍ଚଳ ହୋଇ ଆକାଶ୍‌ର ବାହୁବନ୍ଧନ ତଳେ ଅନୁଭବ କରୁଥାଏ ଆକାଶ୍‌ର ଉଷୁମ୍ ନିଶ୍ୱାସର ସ୍ପର୍ଶକୁ।

କଳିଙ୍ଗ ନଗର, ଯାଜପୁର

ମୋ ୯୬୬୮୪୦୭୩୨୨

# ଶେଷ ସ୍ୱର

ଶ୍ରୀ ସତ୍ୟନାରାୟଣ ନନ୍ଦ

ସକାଳୁ ସକାଳୁ ଗାଁରେ ଚହଳ ପଡ଼ିଗଲା, ବୈରାଗୀ ନାୟକ କାଲି ରାତିରେ ଆତ୍ମହତ୍ୟା କରିଛନ୍ତି । ଘର ବାରଣ୍ଡାରେ ଦଉଡ଼ି ଦେଇ ଆତ୍ମହତ୍ୟା, ଗାଁ ଲୋକମାନେ କଥାଟାକୁ ସହଜରେ ବିଶ୍ୱାସ କରିପାରୁନଥିଲେ । ଅବସର ପ୍ରାପ୍ତ ସରକାରୀ କର୍ମଚାରୀ, ପିଲାମାନେ ବଡ଼ ହୋଇଗଲେଣି, ପାଠପଢ଼ା ଶେଷ ହୋଇ ଆସିଲାଣି, କିଛି କର୍ମ ସଂସ୍ଥାନ କରି ନାହାଁନ୍ତି ସତ, ହେଲେ ବାପା ଉପରେ ବୋଝ ହୋଇ ରହିବା ପରି ଜଣାଯାଉ ନଥିଲା । କିଛି ନା କିଛି କର୍ମ କରିବାକୁ ସେମାନେ ଆଗ୍ରହୀଥିଲେ । ପେନ୍‌ସନ୍ ଲବ୍‌ଧ ଅର୍ଥରାଶିରୁ ବୈରାଗୀବାବୁ ସେମାନଙ୍କ ଭବିଷ୍ୟତ ଜୀବନଧାରଣ କରିବାର ବାଟ ଖୋଜିବାକୁ କିଛି ଅର୍ଥ ଦେଇଥିବାର ପଡ଼ିଶାମାନେ କୁହାକୁହି ହେଉଥିଲେ । ପିଲାମାନେ ସେତେ ଅବାଧ ଥିଲାପରି ଜଣାଯାଉନଥିଲେ । ସ୍ତ୍ରୀ ସହ କଳିକଜିଆ ଲାଗିବା ବି ତାଙ୍କର ନଥିଲା । ଅବସର ପରେ ଝିଅ ବୋଝ ବି ନଥିଲା । ଏକମାତ୍ର ଝିଅର ବିଭାଘର ଚାକିରୀ ସମୟ ମଧରେ ସାରିଦେଇଥିଲେ । ଭଲ ଘର, ଭଲ ବର ଦେଖି ସେ କନ୍ୟାଦାନ କରିଥିଲେ, ଝିଅର ବାପଘର ଉପରେ ନିର୍ଭର କରିବାର ଆବଶ୍ୟକତା ନଥିଲା । ଘର ବି ସୁଦୃଶ୍ୟ ଦୁଇମହଲା କୋଠା । ଗାଁରେ ବି ଚାଷଜମି ଥିଲା, ଫସଲ ବି ଅମଳ ହୋଇ ଘରକୁ ଆସୁଥିଲା । ଦାରିଦ୍ର୍ୟର କଷାଘାତରେ ସେ ଜର୍ଜରିତ ନଥିଲେ । ତାଙ୍କ ବାପା ବୋଉ ବହୁତ ଆଗରୁ ପରପାରିକୁ ଚାଲି ଯାଇଥିଲେ । ଆଉ ତାଙ୍କର କେହି ସହୋଦର ନଥିଲେ, ଯାହା ସାଥିରେ କଳିକଜିଆ, ମନୋମାଳିନ୍ୟ ହେବାର ସମ୍ଭାବନା ଥିଲା । ସେ ବି ଧର୍ମସଂସ୍ଥା ସହିତ ଜଡ଼ିତ ଥିଲେ । ତା'ହେଲେ କ'ଣ ପରିସ୍ଥିତି ଉପୁଜିଲା ଯେ ସେ ଏମିତି ଗୋଟିଏ ନିନ୍ଦନୀୟ ପଦକ୍ଷେପ ଗ୍ରହଣ କଲେ । କହିବାକୁ ଗଲେ ସେ ରୋଗଗ୍ରସ୍ତ ନଥିଲେ କି ତାଙ୍କ ପରିବାରର କୌଣସି ସଦସ୍ୟ ବ୍ୟାଧିର ଶିକାର ହୋଇନଥିଲେ । ତେବେ ଏ ଆତ୍ମହତ୍ୟାର ରହସ୍ୟ କ'ଣ ? କ'ଣ ଅଛି ଏ ଆତ୍ମହତ୍ୟାର ଅନ୍ତରାଳେ ? ସାଧାରଣ ଲୋକ କିଛି ସିଦ୍ଧାନ୍ତରେ ଉପନୀତ ହୋଇ ପାରୁନଥିଲେ । ପୋଲିସ ଗାଡ଼ି ଆସି ପହଞ୍ଚି ଯାଇଥିଲା । ବୈରାଗୀଙ୍କ ଶବକୁ ବ୍ୟବଚ୍ଛେଦ ପାଇଁ ବଡ଼ ଡାକ୍ତରଖାନାକୁ ପଠାଇବାର ଉଦ୍ୟମ ହେଉଥିଲା । ପରିବାରରେ ଏକ ନୀରବତା ଛାଇ ଯାଇଥିଲା, ଅଶ୍ରୁଳ ପରିବେଶ । ଏପରି ଏକ ଅପ୍ରତ୍ୟାଶିତ ଘଟଣାରେ ସମସ୍ତେ ମର୍ମାହତ । ଶବକୁ ତନ୍ନ ତନ୍ନ କରି ପରୀକ୍ଷା କରୁଥିଲେ ପୋଲିସ ବାବୁ । ପିନ୍ଧିଥିବା ସାର୍ଟ ପକେଟରୁ ଏକ ଚଉତରା ଭଙ୍ଗା କାଗଜ ଦୃଷ୍ଟିକୁ ଆସିଲା, କାଗଜ ନୁହେଁ ତ ଏକ ଚିଠି । ଏହା କାହା ଅକ୍ଷର ଜାଣିବାକୁ ପୋଲିସବାବୁ ପରିବାର ସଦସ୍ୟମାନଙ୍କୁ ଦେଖାଉଥିଲେ, ସମସ୍ତଙ୍କ ଏକ ମତ ଏହା ବୈରାଗୀ ବାବୁଙ୍କ ହସ୍ତାକ୍ଷର । ତା'ହେଲେ ଏହା ଆତ୍ମହତ୍ୟା କରିବା ପୂର୍ବର ଏକ ଚିଠି, ଯାହାକି ବୈରାଗୀ ତାଙ୍କ ଆତ୍ମୀୟସ୍ୱଜନଙ୍କ ପାଇଁ ଲେଖିଯାଇଛନ୍ତି । ପୋଲିସ ବାବୁ ଚିଠିଟା ପଢୁଥିଲେ । ଚିଠିଟା ଲେଖାଥିଲା ଏହିପରି — "କାଲି ସକାଳୁ ଦୁନିଆ ଜାଣିବ, ବୈରାଗୀ ନାୟକ ଆତ୍ମହତ୍ୟା କରିଛି । ଏ ଖବର ବିପୁଳ ବେଗରେ ଚାରିଆଡେ ବ୍ୟାପିଯିବ । ଲୋକେ ଶୁଣି ଆହା ଆହା କରିବେ । କେତେ ଲୋକ ଆଖିରୁ ଲୁହ ଢାଳିବେ । କେତେକ ମୋର ପୂର୍ବକଥା ମନେ ପକାଇ ମନଦୁଃଖ କରିବେ । କିନ୍ତୁ ମୋର ଆତ୍ମହତ୍ୟାର ପଛରେ ଯେଉଁ

ରହସ୍ୟ ଛନ୍ଦ ରହିଗଲା, ତାକୁ ଉଦ୍‌ଘାଟନ କରିବାକୁ କାହାର ଧୈର୍ଯ୍ୟ ନଥିବ। ସେଥିପାଇଁ ତା'ର କାରଣ ମୁଁ ଲେଖିଯାଉଛି, ଏହା ମୋର ଅନ୍ତରାତ୍ମାର ପ୍ରତିଧ୍ୱନି। ବିନ୍ଦୁଏ ମିଛ ନାହିଁ, ବାସ୍ତବତାର ମହକରେ ମହକିତ। ମୁଁ ଜଣେ ଅବସରପ୍ରାପ୍ତ ସରକାରୀ କର୍ମଚାରୀ। ମୋର ଅବସର ବୟସ ପୂର୍ବରୁ ସେଚ୍ଛାକୃତ ଅବସର ଯୋଜନା ଅନୁସାରେ ଅବସର ଗ୍ରହଣ କରିଥିଲି। ମୋର ଚାକିରୀ ତଥା ଦରମା ଅନୁଯାୟୀ ଯାହା ସରକାରୀ ପଇସା ପାଇବା କଥା, ମୁଁ ସବୁ ପାଇଛି। ଏବେ ମଧ ପେନ୍‌ସନ ପାଉଥିଲି। ମୁଁ ଆଜି ଚିନ୍ତା କରୁଛି ମୋର ସେଚ୍ଛାକୃତ ଅବସର ନେବାର ନଥିଲା। ଏହାଦ୍ୱାରା ମୋର ଚାକିରୀରେ ଆଉ ଏକ ପଦୋନ୍ନତି ହୋଇଥାନ୍ତା ତଥା ଅଧିକ ଦରମା ମିଳିବା ଯୋଗୁଁ ପେନ୍‌ସନ ବି ଅଧିକ ମିଳିଥାନ୍ତା। କିନ୍ତୁ ସହକର୍ମୀମାନଙ୍କ ସହ ଆଲୋଚନା ଦ୍ୱାରା ସେ ସମୟରେ ମୁଁ ଏହା ସ୍ଥିର କରିଥିଲି। ଏଥିପାଇଁ ମୁଁ କାହାକୁ ଦୋଷ ଦେଉନାହିଁ। ମୋ ସିଦ୍ଧାନ୍ତ ମୁଁ ପରିବାରର ସମସ୍ତ ସଦସ୍ୟମାନଙ୍କୁ ଜଣାଇ ଦେଇଥିଲି। ମୋ ପ୍ରସ୍ତାବରେ ସେମାନେ ରାଜି ହୋଇନଥିଲେ। କିନ୍ତୁ ମୁଁ କାହା କଥା ଶୁଣିବା ସପକ୍ଷରେ ନଥିଲି। ଏଇଟା ମୋର ଏକ ଭୁଲ ସିଦ୍ଧାନ୍ତ ହୋଇପାରେ। ଏହାଦ୍ୱାରା ଭବିଷ୍ୟତରେ ମୋତେ ଏତେ ମାନସିକ ଚାପର ସମ୍ମୁଖୀନ ହେବାକୁ ପଡ଼ିବବୋଲି ମୁଁ ଜାଣି ନଥିଲି। ସେ ଯାହାହେଉ, ଯେଉଁଦିନ ଆମ ଗାଁର ଅନାମ, ଯେକି ଆମ ଅଫିସ୍‌ରେ କାମ କରୁଥିଲା, ଆମ ଘରେ ଆସି ମୋ ଅବସର ବିଷୟକ କ୍ଷତି ସମ୍ବନ୍ଧରେ ବର୍ଣ୍ଣନା କଲା, ତାହା ଶୁଣି ପରିବାର ସଦସ୍ୟମାନେ ମୋ ପ୍ରତି କେମିତି ବିମୁଖ ହୋଇ ପଡ଼ିଲେ। ସେମାନଙ୍କର ମୋ ପ୍ରତି ଦୃଷ୍ଟିଭଙ୍ଗୀ ବଦଳିବାକୁ ଲାଗିଲା। ଟଙ୍କା ପଇସାର ମୋହ ସେମାନଙ୍କୁ କବଳିତ କରିଥିଲା। ଫଳରେ ସେମାନେ ମଝିରେ ମଝିରେ ମୋତେ ଦେଖାଇ ଦେଖାଇ କହିବାକୁ ଆରମ୍ଭ କଲେ। ସତେ ଯେମିତି ତାଙ୍କ ଜମା ଖାତାରୁ ମୁଁ ଟଙ୍କା ଉଠାଇନେଇଛି। ସ୍ନେହ ଶ୍ରଦ୍ଧାର ବନ୍ଧନ ଶିଥିଳ ହେବାକୁ ଲାଗିଲା। ଏମିତି ହେଲା ଯେ ମୋ ସ୍ତ୍ରୀ ମଧ ପିଲାମାନଙ୍କ ସପକ୍ଷରେ ମୋ ବିରୁଦ୍ଧରେ କହିବାକୁ ଲାଗିଲା। ସେମାନେ ଭୁଲିଗଲେ ଦୂର ଅତୀତ। ଆମର ଥିଲା ଦୁଇବଖରା ଚାଳଘର, ବାରଣ୍ଡାରେ ରୋଷେଇ ହେଉଥିଲା। ମୋର ଚାକିରୀ ପଇସାରେ ମୁଁ ଦୁଇମହଲା କୋଠା ତିଆରି କରିଥିଲି। ସବୁ ଆଧୁନିକ ସୁବିଧାରେ ସଜାଇଥିଲି ଘରକୁ। ମୁଁ କ'ଣ କେବଳ ମୋ ପାଇଁ କରିଥିଲି ଏ ସବୁ ? ସେମାନେ ସେ ସବୁକୁ ଥରେ ବି ଭାବିଲେନି। ଦୁଇପୁଅଙ୍କୁ ଦୁଇଟା ଦୁଇଚକିଆ ଗାଡ଼ି ବି କିଣି ଦେଇଥିଲି। ଯେହେତୁ ସେମାନେ ରୋଜଗାରକ୍ଷମ ହୋଇ ନାହାନ୍ତି। ଗାଡ଼ିରେ ତେଲ ପକାଇବାକୁ ପଇସା ବି ଦେଉଥିଲି। ପାଠପଢ଼ାଇ ସେମାନଙ୍କୁ ଶିକ୍ଷିତ କରାଇଥିଲି। ସେମାନେ ସେମାନଙ୍କ ଭବିଷ୍ୟତ ବିଷୟରେ ଚିନ୍ତା ନକରି ମୋ ଅତୀତର ସମାଲୋଚନା କରିବାକୁ ଆରମ୍ଭ କରିଥିଲେ। ଅବସର କାଳୀନ ଅର୍ଥରୁ ସେମାନଙ୍କୁ ବେପାର ବଣିଜ କରିବାକୁ ମୁଁ ପ୍ରାୟ ସବୁ ଦେଇଥିଲି। ହେଲେ ସେମାନେ ବେପାରରେ ସଫଳକାମ ହୋଇ ପାରିଲେ ନାହିଁ। ଫଳରେ ମୋ ପେନ୍‌ସନ୍ ଅର୍ଥ ଉପରେ ସେମାନଙ୍କ ଆଖି ଲାଖି ରହିଲା। ଅବସର ପରେ ମଣିଷର ବାର୍ଦ୍ଧକ୍ୟ, ପଇସାର ପ୍ରୟୋଜନ ଯେ କେତେ ଜରୁରୀ ତାହା ଅନୁଭବୀ ବି ଜାଣିପାରିବ। ସ୍ତ୍ରୀ ପିଲାମାନଙ୍କ ସହିତ ମିଶି ମୋ ପେନ୍‌ସନ ପଇସା ହାତେଇବାକୁ ଚେଷ୍ଟା କରିବା ମୋ ପାଇଁ ବହୁତ ଦୁଃଖ ଆଣି ଦେଇଥିଲା। ଦୀର୍ଘ ତିରିଶ ବର୍ଷ ଧରି ମୋ ସାଥିରେ ଚଳି ଆସିଥିବା ମଣିଷଟିଏ କେମିତି ମୋ ସହିତ ସ୍ନେହ ବନ୍ଧନରେ ଡୋର ଛିନ୍ନ କରି ସନ୍ତାନ-ବାତ୍ସଲ୍ୟ ରସରେ ଉବୁଟୁବୁ ହୋଇ ପାରିଲା, ଭାବିଲେ ମୋତେ ଆଶ୍ଚର୍ଯ୍ୟ ଲାଗୁଛି। ପୁଅର ବିଭାଘର ପାଇଁ ମୋ ଆଗରେ ବାରମ୍ବାର ପ୍ରସ୍ତାବ ରଖୁଥିଲା। ପର୍ଡ଼ିଶାଘରର ପୁଅ ବିଭାଘରର ଉଦାହରଣ

ଦେଉଥିଲା । ଯେହେତୁ ପୁଅମାନେ ରୋଜଗାର କରି ପରିବାର ଚଳାଇବାକୁ କ୍ଷମତା ଅର୍ଜନ କରିନଥିଲେ, ମୁଁ ବିବାହ କରିବାକୁ ଇଛା ପ୍ରକାଶ କରିନଥିଲି । ପୁଅମାନଙ୍କ ବିବାହ ବୟସ ହୋଇ ସାରିଥିଲା । ତଥାପି ମୁଁ କାର୍ଯ୍ୟକାରୀ କରିବାକୁ ଭୟ କରୁଥିଲି । ରୋଜଗାର ନଥିଲେ ଦାମ୍ପତ୍ୟ ଜୀବନ ଯେ କି ଦୁଃଖମୟ ତାହା ମୁଁ ମର୍ମେ ମର୍ମେ ଅନୁଭବ କରୁଥିଲି । ହେଲେ ମୋ ସିଦ୍ଧାନ୍ତ, ବିଚାରକୁ ସେମାନେ ଗ୍ରହଣ କରିବାକୁ ରାଜି ନଥିଲେ । ଏତିକିରେ ମୋର ଜୀବନ ପ୍ରତି ମମତା ତୁଟି ନଥିଲା । କିନ୍ତୁ ତା'ପରବର୍ତ୍ତୀ ଯେଉଁ ଅବସ୍ଥା ମୋତେ ଏପରି ପଦକ୍ଷେପ ନେବାକୁ ବାଧ କରିଥିଲା, ତାହା ଥିଲା ଏହିପରି । ବଡ଼ପୁଅ ବିବାହ କରିବାକୁ ନିଜେ ସିଦ୍ଧାନ୍ତ ନେଇଥିଲା । ସେ ଯେଉଁ କନ୍ୟାକୁ ବିବାହ କରିବାକୁ ସ୍ଥିର କରିଥିଲା, ତାହା ଆଉ କେହି ନଥିଲେ । ସେ ମୋ ପଡ଼ିଶା ତଥା କୁଟୁମ୍ବର ଜଣେ ବଡ଼ଭାଇଙ୍କ ଝିଅଥିଲା । ହିସାବରେ ମୋ ପୁଅର ଭଉଣୀ, ରକ୍ତ ସମ୍ପର୍କୀୟ ତଥା ସମ ଗୋତ୍ର । ଏ ବିଷୟରେ ମୁଁ ସ୍ତ୍ରୀକୁ ପଚାରିଥିଲି, ହେଲେ ସେ ନୀରବ ରହିଲା । ମୁଁ ଜାଣିଲି ଏଥିରେ ତା'ର ସମର୍ଥନ ଅଛି । ମୋର ଅନ୍ତରକୁ ବହୁତ ବାଧିଲା । ମୁଁ ସେଇଦିନଠୁ ପ୍ରାୟ ଅନ୍ୟମନସ୍କ ହୋଇଗଲି । ସବୁବେଳେ ଏହି କଥାସବୁ ଭାବିବାକୁ ଲାଗିଲି । କ'ଣ ମୁଁ ନକରିଛି ଏମାନଙ୍କ ପାଇଁ ? ଛୋଟ ଛୋଟ ଥିଲାବେଳେ କେତେ ଆଦର ଯତ୍ନ କରିଛି । ଯାହା କହିଛନ୍ତି ସବୁ କିଣି ଆଣି ଦେଇଛି । ଏଇ ପୁଅର ପିଲାଦିନେ ଏମିତି ଦେହ ଖରାପ ହୋଇଥିଲା ଯେ, ଡାକ୍ତର ବଞ୍ଚିବା ଆଶା ଛାଡ଼ି ଦେଇଥିଲେ । କଟକ ବଡ଼ ଡାକ୍ତରଖାନାରେ ତା'ର ଶଯ୍ୟା ପାଖରେ ବସି କେତେ ରାତି ବିତାଇଛି । ଦିନରେ ସରକାରୀ ଚାକିରୀ, ରାତିରେ ତା' ପାଖରେ ରୋଗୀ ସେବା । ଆରୋଗ୍ୟ ନିମିତ୍ତ କେତେ ଭଗବାନଙ୍କୁ ଡାକିଛି । ଏମିତି ଅତୀତ କଥାଗୁଡାକ ମୋ ଆଖି ଆଗରେ ନାଚିବାକୁ ଲାଗିଲା ।

ମୁଁ ମନେ ମନେ ଭାବିଲି ଏ ପ୍ରକାର ସିଦ୍ଧାନ୍ତରୁ ତାକୁ ହଟାଇ ଆଣିବା କଷ୍ଟକର । ସ୍ତ୍ରୀର ସମ୍ମତି ତାକୁ ଏଭଳି କାର୍ଯ୍ୟକୁ ନିଶ୍ଚୟ ଉତ୍ସାହିତ କରିଛି । ତେଣୁ ଏଥିରୁ ଓହରି ଆସିବାକୁ ସେ ଆଦୌ ରାଜିହେବ ନାହିଁ । ମୋର ରକ୍ଷଣଶୀଳ ମନୋଭାବ ଏଥିରେ ସାଲିସ୍ କରିବାକୁ ଚାହିଁଲା ନାହିଁ । କ'ଣ କଲେ ମୁଁ ଏଥିରୁ ମୁକ୍ତ ହୋଇ ପାରିବି ? ମନେ ମନେ ଚିନ୍ତା କରିବାକୁ ଲାଗିଲି । ମଣିଷ ଯେତେବେଳେ ନିଜ ଉପରୁ ଆସ୍ଥା ହରାଇ ବସେ, ସେ ବାହ୍ୟପ୍ରକୃତି ଉପରେ ଭରସା କରେ । ମୋ ମାନସିକ ସ୍ତରରେ ସେଇ ଅବସ୍ଥା ଉପନୀତ ହେଲା । ମୁଁ ନୀରବରେ ଭଗବାନଙ୍କୁ ମୋ ଦୁଃଖ ଜଣାଇବାକୁ ଲାଗିଲା । ମୁଁ ସ୍ଥିର ନିଶ୍ଚିତ ହେଲି ଯେ ମୃତ୍ୟୁ ହିଁ ସର୍ବଦୁଃଖ ହରିବାକୁ ସମର୍ଥ । ମୃତ୍ୟୁର ମାଧ୍ୟମ କ'ଣ ହେବ ମୁଁ ସ୍ଥିର କରିବାକୁ ଲାଗିଲି । କିପରି ମୃତ୍ୟୁର ଶୀତଳ ସ୍ପର୍ଶ ମୋ ଶରୀରକୁ ଛୁଇଁଯିବ, ତାହା ଚିନ୍ତା କରିବାକୁ ଲାଗିଲି । ବିଷପାନରେ ମୃତ୍ୟୁ ନ ହୋଇପାରେ । ମୋତେ ପୁଣି ଯନ୍ତ୍ରଣା ଭୋଗିବାକୁ ପଡ଼ିପାରେ । ଘର ପାଖରେ ନଦୀ ଥିଲା, ହେଲେ ସେଥିରେ ସେପରି ଜଳରାଶି ନଥିଲା ଯାହା ମୋତେ ବୁଡାଇମାରିବ । ଶେଷକୁ ଦଉଡ଼ି ଲଗାଇ ଆତ୍ମହତ୍ୟା, ଏହି ପଦ୍ଧତିକୁ ମୁଁ ଆପଣାର କରିଥିଲି । ରାତି ଅଧରୁ ଉଠି ଏ ଚିଠି ଲେଖିଲି, ଆକାଶକୁ ଚାହିଁଲି, ତାରାମାନେ ଦପ୍ ଦପ୍ କରୁଛନ୍ତି । ପରିବାର ସମସ୍ତେ ନିଦ୍ରାରେ ଅଭିଭୂତ । ମୁଁ ନୀରବରେ ଆସି ବେକରେ ଦଉଡ଼ି ଲଗାଇ ଆତ୍ମହତ୍ୟା କରିବାକୁ ଆଗଭର ହେଉଛି । ମୋ ଆତ୍ମା ଈଶ୍ୱରଙ୍କ ନିକଟକୁ ଯିବ କି ନା ମୁଁ ଜାଣେନା, ତଥାପି ଏ ମାନସିକ ଯନ୍ତ୍ରଣାରୁ ନିଶ୍ଚୟ ମୁକ୍ତି ମିଳିବ । ଏହାକୁ ଏକ ମୃତ୍ୟୁକାଳୀନ ଜମାନବନ୍ଦୀ ବୋଲି ଧରାଯାଇପାରେ ।" ଚିଠିଟା ପଢ଼ିସାରି ପୋଲିସବାବୁ ପକେଟରେ ରଖିଲେ । ସମବେତ ଜନତା ଏ ସବୁ ଶୁଣି ସ୍ତବ୍ଧ ହୋଇଯାଇଥିଲେ । ସେମାନେ ବିଶ୍ୱାସ କରିପାରୁନଥିଲେ ଯେ ଏକ ଶାନ୍ତ ସରଳ ମଣିଷର ଏ କି ପରିଣତି ହେଲା ।

# ଦେବ ପୁରୁଷ

- ଗୀତାଞ୍ଜଳୀ ନାୟକ

ହଠାତ୍ ନିଦ ଭାଙ୍ଗିଗଲା ରାତିରେ । ନୂଆ କରି ଘରେ ରହିଥାଏ, ଠିକ୍‌ରେ ସୁଇଜ୍‌ଟି କେଉଁପଟେ ଜାଣିନି, ଅଣ୍ଡାଳି, ଅଣ୍ଡାଳି ଗଲି, ଚଉକାଠାରେ ମୁଣ୍ଡଟା ବାଜି ଫୁଲିଗଲା, ଖିଡ଼ିକି ଟି ଖୋଲିଲି, ହେଲେ ଥଣ୍ଡା ପବନରେ ଦେହ ଶିତେଇ ଉଠୁଥାଏ । ଖିଡ଼ିକି ବାହାରକୁ ଚାହିଁଲା ବେଳକୁ ଆକାଶରୁ ଧଳା ମେଘ ତୋଳି କିଏ ଯେପରି ପୃଥିବୀକୁ ସଜେଇ ଦେଇଛି । ଝରକା ସେପଟେ ଟଗର, ମନ୍ଦାର, ମଲ୍ଲୀ ଗଛମାନେ ଯେମିତି ସକାଳୁ, ସକାଳୁ ବର୍ଷାରେ ଗାଧୋଇ ଥରୁଛନ୍ତି, ଆଉଟିକେ ଆଖିକୁ ଦୂରେଇ ଚାହିଁଲି, କିଆରି କିଆରି କାଶତଣ୍ଡି ଫୁଲ ପବନରେ ଢ଼ଳ, ଢ଼ଳ ହେଉଛନ୍ତି, ଆଉ ଟିକେ ଦୂରେଇ ଦେଖିଲା ବେଳକୁ ପାହାଡ଼ ସେପଟୁ ଅନ୍ଧାର ଭିତରୁ ହାଲୁକା, ହାଲୁକା ପାଦ ପକେଇ ସୂରୁଜ ଦେବତା ଆସୁଛନ୍ତି, କାହିଁ ଏମିତି ଦୃଶ୍ୟ ତ ମୋ ଜୀବନରେ ଦେଖିନି, ଏଠିକାର ଲୋକମାନେ ସତେ ଯେପରି କେଉଁ ଯୁଗରୁ ଅପେକ୍ଷା କରି ରହିଥିଲେ ସୂର୍ଯ୍ୟ ଦେବତାଙ୍କୁ । ରାତି ସରିବା ପରେ କବାଟ ଖୋଲିଲା ବେଳକୁ ସୂର୍ଯ୍ୟଙ୍କୁ ଅପେକ୍ଷା କରି ରହିଥିବା ଲୋକ ଗୁଡ଼ାକ ସମସ୍ତେ ପୁରା କର୍ମତତ୍ପର । କିଏ ଲଙ୍ଗଳ ଧରି ବାହାରି ଲାଣି ତ କିଏ ଗୋବର ପାଣିରେ ଘରଦୁଆର ଲିପି ଦେଲାଣି, ପକ୍ଷୀମାନେ ଖାଦ୍ୟ ଅନ୍ୱେଷଣରେ ବାହାରି ପଡ଼ିଲେ, ମୁଁ ମଧ ଆଉ ସମୟ ନଷ୍ଟ ନ କରି ବାହାରି ପଡ଼ିଲି ମୋର ପ୍ରଥମ କର୍ମ କ୍ଷେତ୍ରକୁ । ଗାଁ ଠାରୁ ମୁହଁ ମୋଡ଼ି ସମସ୍ତେ ସହର ଗାମୀ ହେଉଥିବା ବେଳେ ମୁଁ ଆଜି ଫେରି ଆସିଛି ସେଇ ଇଲାକା କୁ ରୋଗୀମାନଙ୍କର ସେବା କରିବା ପାଇଁ, ସେବା କରୁ କରୁ ଦୁଇବର୍ଷ ବିତିଗଲା । ଲୋକମାନଙ୍କର ଚଳଣୀ ବହୁତ ଅଦ୍‌ଭୁତ ଥିଲା । କୁ ସଂସ୍କାର ଓ ଅନ୍ଧବିଶ୍ୱାସ ରେ ଜବଳିତ ଏମାନଙ୍କର ଦୈନନ୍ଦିନ ଚଳଣୀ, ବୁଲି ବୁଲି ମହୁ ସଂଗ୍ରହ କରନ୍ତି । ତେଣ୍ଟ । ଖଣତିରେ ସାପ, ମୂଷା, ବଣବିରାଡ଼ି ଖାଦ୍ୟ ରୂପେ ଗ୍ରହଣ କରନ୍ତି । ଦୁଇବର୍ଷ ଚଳଣୀ ଭିତରେ ସେମାନଙ୍କର ଅନ୍ଧବିଶ୍ୱାସ ଦୂର କରୁ କରୁ କେତେବେଳେ ସେମାନଙ୍କର ଏ ଆପଣାର ହେଇଗଲି ମୁଁ ନିଜେ ଜାଣି ପାରିଲିନି । ଥରେ ଝିଅଟିଏ ଆସି ଡାକିଲା, ବାପା କତରା ଲଗା ହେଇ ପଡ଼ିଛି, ଘରକୁ ଟିକେ ଆସି ବାପାକୁ ଦେଖିବା ପାଇଁ । ଘରକୁ ଯାଇ ବାପାଟିକୁ ଦେଖି ଔଷଧ ଲେଖିଦେଇ ଆସିଲି । ହେଲେ ଭଲ ହେବାର ସମ୍ଭାବନା ବହୁତ କମ୍ ଥିଲା । ଘରର ପରିସ୍ଥିତି ବହୁତ ଖରାପ, ବୁଢ଼ା ବାପା ସହଯେ ଦୁର୍ବଳ ଶରୀର, ପେଟ ଚାଖଣ୍ଡ କ ପାଇଁ କାମ କରିବାକୁ ବଳ ନଥାଏ । ବୁଢ଼ା ଜଙ୍ଗଲରୁ ବୁଲି ବୁଲି ଜଙ୍ଗଲ ଜାତ ଦ୍ରବ୍ୟ ଆଣୁଥିଲା, ତାକୁ ବିକି ଦି'ପଇସା ହେଉଥିଲା । ସେତକ ବନ୍ଦ । ଝଅଟି ବିଲ, ଖଳା, ଖମାରମାନଙ୍କରେ ମୂଷା ନେଇ ଗାତ ଭିତରେ ସ ଞ୍ଚ ୟ କରିଥିବା ଧାନକୁ ଅଣି ଖାଦ୍ୟ ପ୍ରସ୍ତୁତ କରୁଥିଲା । ହେଲେ ରୋଗରେ ପଡ଼ିଲା ଦିନରୁ ବୁଢ଼ା ବାପାଟିକୁ ଛାଡ଼ି ନିଜେ ଯାଇପାରୁଛି, ନାଁ ବାପାଟି ଯାଇପାରୁଛି, ତା ପରଦିନ ଯାଇ ଦେଖେ ଝିଅଟି ପ୍ରେସ୍କିପ୍‌ସନ୍ ଟି ଧରି କାନ୍ଦୁଛି । ମତେ ଦେଖି ତା କନ୍ଧା ଲୁଗାରେ ଲୁହ ଗୁଡ଼ାକ ପୋଛି ଦେଲା । ମୁଁ ଜାଣି ପାରିଲି ଔଷଧ କିଣି ନ ପାରି ଝିଅଟି କାନ୍ଦୁଛି, ସାଙ୍ଗେ ସାଙ୍ଗେ ଔଷଧ ଆଣି ଦେଲି, କ୍ରମେ, କ୍ରମେ ବୁଢ଼ାଟି ଆରୋଗ୍ୟ ଲାଭ କଲା, ହେଲେ ସେଇ ନିଷ୍କପଟ ଝିଅଟି ପ୍ରତି ମୁଁ ଏତେ ଆକୃଷ୍ଟ ହେଇଗଲି ମୁଁ ଜାଣି ପାରିଲିନି । ଏଇ କେତେଥର ଯିବା, ଆସିବା ଭିତରେ ମୁଁ ତାର ଅତି ନିକଟତର ହେଇଗଲି । ଛୁଟିରେ ଘରକୁ ଯାଇଥାଏ, ସବୁ କଥା ଘରେ କହିଲି, ହେଲେ କୌଣସି ପରିସ୍ଥିତିରେ ବୋହୂ ରୂପରେ ଗ୍ରହଣ କରିବାକୁ ତାକୁ ରାଜି ନଥିଲେ । ମୁଁ ମଧ ଝିଅଟିକୁ ଧୋକା ଦେବାକୁ ଚାହୁଁ ନ ଥିଲି । ଏବଂ ଘରୁ ଫେରିଆସି

ତାଙ୍କୁ ମନ୍ଦିରରେ ବାହା ହେଇଗଲି । ମୁହଁଟି କସ୍ତା ସାଢ଼ିର ଅଢୁଆଳରେ ରହିଥାଏ । ମୁହଁ ଟିରେ ଭୟ, ଲାଜ ଖେଳୁଥାଏ । ଆଉ କାନରେ, ନାକରେ, ବେକରେ ପିତଳର ଗହଣା ଭାରି ମାନୁଥାଏ । ସତେ କେତେ ସରଳ ବିଶ୍ୱାସୀ ସେ, ସହରରେ ବହୁତ ଝିଅ ଦେଖିଛି, ସେମାନଙ୍କ ସାଙ୍ଗରେ ପଢ଼ିଚି, ବହୁତ ସମୟ ମଧ୍ୟ କଟେଇଛି । ହେଲେ ଏମିତି ଝିଅ ମୁଁ କେବେ ଦେଖିନି । ଯେମିତି ସହରରେ ସୂର୍ଯ୍ୟସ୍ତ ହୁଏ, କିନ୍ତୁ ପୋଖରୀ ହୁଡ଼ା ଉପରେ ସୁନାର ରେଣୁ ଢ଼ାଳି ଦେଉଥିବା ସୂର୍ଯ୍ୟାସ୍ତ ସାଙ୍ଗରେ ସହରର ସୂର୍ଯ୍ୟାସ୍ତ ତୁଳନା କରି ହୁଏ ନାହିଁ । ଏମିତି ହସ, ଖୁସିରେ ଆମର ଦିନ ଗୁଡ଼ିକ କେତେବେଳେ ଗଡ଼ିଗଲା ଜାଣି ହେଲାନି, ତା ଭିତରେ ପାଞ୍ଚ ବର୍ଷ ବିତିଗଲାଣି, ହଠାତ୍ ପିଲାଟିଏ ପାଇଁ ସେ ମତେ କାହିଁକି ମନେ ପକେଇ ଦେଲା, ଖୁସି ଭିତରେ ମୁଁ ସେସବୁ ଭୁଲି ଯାଇଥିଲି । ଏତେ ବର୍ଷ ହେଲାଣି କାହିଁ ପିଲା, ପିଲି ହେଉନି ? ବହୁତ ପରୀକ୍ଷା କଲାପରେ ମୁଁ ଜାଣି ପାରିଲି ମୋର ବାପା ହେବାର ଯୋଗ୍ୟତା ନାହିଁ । ହେଲେ ନିରିହ ଝିଅଟିର ସବୁ ଖୁସି ମୋ ପାଇଁ ମିଳେଇ ଗଲା । ସେ କିନ୍ତୁ ଯାଣି ନଥିଲା ଯେ ମୋର କିଛି ଅସୁବିଧା ଅଛି ବୋଲି । ସବୁ ବେଳେ ମନକୁ ମାରି ବସିଥାଏ, ସତେ ଯେପରି ବୁଢ଼ୀ ଅସୁରୁଣୀର ସେହି ସାତ ତାଳ ପାଣି, ସାତ ତାଳ ପଙ୍କ, ଆଉ ସିନ୍ଦୁକ, ସିନ୍ଦୁକ ଭିତରେ ଫଗୁଆ, ଫଗୁଆ ଭିତରେ ଝିଅଟିର ହସ, ଖୁସି ଯେମିତି ରହି ଯାଇଛି । ମୁଁ କ'ଣ ସତରେ ରାଜକୁମାର ସାଜି ତା' ଖୁସି ଆଣିପାରିବି ! ଝିଅଟି ମନଦୁଃଖରେ ରହି ରହି ରୋଗରେ ପଡ଼ିଗଲା । ଯେତେ ଔଷଧ ଦେଲି କାମ କଲାନି, ପାଗଳ ପ୍ରାୟ ହେଉଥାଏ । ଏମିତି ଦୁଃଖରେ କେତେ ଦିନ କଟିଗଲା । ନୂଆ କରି ଆଉ ଜଣେ ଡାକ୍ତର ଆମ ଡାକ୍ତର ଖାନାରେ ଜଏନ୍ କଲେ । ତାଙ୍କ ସାଙ୍ଗରେ ମିଳା, ମିଶା କରିବା ପରେ ସେ ଥରେ ଆମ ଘରକୁ ଆସିଥିଲେ । ଆଉ ଝିଅଟିର ଅବସ୍ଥା ମଧ୍ୟ ଦେଖିଲେ, ଆମେ ଦୁହେଁ ମିଶି କେଉଁ ଔଷଧ ଦେଲେ ଭଲହେବ ଚିନ୍ତା କଲୁ । ଔଷଧ ଖାଇଲା ହେଲେ ଔଷଧ ର ପ୍ରଭାବ ଟିକେ ବି ତା ଉପରେ ପଡ଼ିଲା ନାହିଁ । ଦିନେ ମନସ୍ତାପ ରେ ବସିଥାଏ, ଭାବିଲି ନୂଆ ଡାକ୍ତରଙ୍କ ଦ୍ୱାରା ଯଦି ପିଲାଟିଏ କେମିତି ସେ ଝିଅଟିର ହୁଅନ୍ତା ତେବେ ଝିଅଟି ସୁସ୍ଥ ହେଇ ଯାଆନ୍ତା । ହେଲେ ଏତେ ବଡ଼ ପାପ କଥା ମୁଁ କାହିଁକି ଭାବୁଛି, ଆଉ ଉପାୟ ନପାଇ ଡାକ୍ତରଙ୍କୁ ସବୁକଥା କହିଲି, ସେ ମୋ ପ୍ରସ୍ତାବରେ ଆଦୌ ରାଜି ହେଲେ ନାହିଁ ବହୁତ କାକୁତି ମିନତି ହୋଇ ଝିଅଟିର ଜୀବନ ଭିକ୍ଷା କଲି । ସେତେବେଳକୁ ଝିଅଟିର କେତେବେଳେ ଚେତା ରହୁଥାଏ ତ କେତେବେଳେ ଚେତାଶୂନ୍ୟ ହେଇ ଯାଉଥାଏ । ସେ ଯାହାହେଉ ଏମିତି ଅବସ୍ଥା ଦେଖି ବଡ଼ କଷ୍ଟରେ ଡାକ୍ତର ରାଜିହେଇଗଲେ । ଝିଅଟିର ଅଜାଣତରେ ଡାକ୍ତରଙ୍କ ଦ୍ୱାରା ଝିଅଟି ଗର୍ଭ ଧାରଣ କଲା । ଝିଅଟିର ଖୁସି କହିଲେ ନସରେ ସତେ ଯେମିତି ନିସ୍ତୁତ ଯୁଗର ନୀରବତାକୁ ଭାଙ୍ଗି ପଥର ଓଠରୁ ହସ ଝରିପଡୁଛି । ମାସ ପରେ ମାସ ବିତିଗଲା, ହେଲେ ମୋ ମନ ଭିତରେ ଭାରି ଶୂନ୍‌ଶାନ୍ । କାହିଁକି ନାଁ ଡାକ୍ତର ଜଣକ ଗଲେ କୁଆଡ଼େ ! ବହୁତ ମନେ, ମନେ ଖୋଜିବା ସତ୍ତ୍ୱେ ମୁଁ ତାଙ୍କୁ କେଉଁଠି ବି ପାଇଲି ନାହିଁ । ସେ କ'ଣ ଦେବ ପୁରୁଷ ଥିଲେ ? ମୋ ପାଇଁ ସେଇ କେତେ ସମୟ ପାଇଁ ଆସି ଅର୍ନ୍ତଧାନ ହେଇଗଲେ ! ସେ ଦେବ ପୁରୁଷ ଗଲେ କୁଆଡ଼େ ? ମୋ ଭଳି ଗୋଟିଏ ବିକଳ ପକ୍ଷୀର କ୍ରନ୍ଦନରେ ତାଙ୍କ ମନକୁ ଛୁଇଁଲା । ହେଲେ ସେ ଏତେ ବଡ଼ ତ୍ୟାଗ କରି କୁଆଡ଼େ ଗଲେ ପଛକୁ ଟିକେ ଚାହିଁଲେନି । ସେ ଦେବାର ଆନନ୍ଦ ନେଇଚାଲିଗଲେ । ହେଲେ ମୁଁ ନେବାର ଋଣ ବୋହି, ବୋହି ଖୋଜୁଛି । ମଣିଷ କେବେବି ଏମିତି ନିଃସ୍ୱାର୍ଥପର ମୁଁ କାହିଁ ଦେଖିନି, ସେ କଣ ? ଦେବତା ମାନେ ଯେମିତି କେବଳ ଦେଇ ଚାଲନ୍ତି ସତ, କିନ୍ତୁ କେବେ କାହାର ଭୋଗ, ଅଳଙ୍କାର, ଶାଢ଼ୀ କିଛି ବି ନେଇ ନଥାନ୍ତି । ସେ ସେହି ଦେବ ପୁରୁଷ ଥିଲେ ।

ବାଲିସାହି, କଟକ

# କୁଳାଙ୍ଗାର

**ଡକ୍ଟର ନିରୋଦ କୁମାର ମନ୍ତ୍ରୀ**

ଜୀବନକୁ ନେଇ ଅଙ୍କ କଷିବା ଖୁବ୍ କମ୍ ଲୋକଙ୍କ ଭାଗ୍ୟରେ ଆସିଥାଏ । କିନ୍ତୁ ଜୀବନକୁ ନେଇ ଆରାମ କରିବାକୁ ବହୁତ ଲୋକ ବ୍ୟସ୍ତ ହୋଇପଡ଼ିଥାନ୍ତି । ଯେତେବେଳେ ଜୀବନରେ କିଛି ଦୁଃଖ ଆସେ ସେତେବେଳେ ମନୁଷ୍ୟ ସତର୍କ ହୋଇଥାଏ, କିନ୍ତୁ କିଛି ସମୟ ପାଇଁ, ସେହି ସମୟ ଚାଲିଗଲେ ପୁଣି ନିଜର ପୂର୍ବ କାର୍ଯ୍ୟକଳାପରେ ମାତିଯାଇଥାଏ । ଶେଷରେ ଜୀବନର ଶେଷପର୍ଯ୍ୟାୟରେ ଅନୁତାପର ଅଗ୍ନିରେ ପୋଡ଼ିହୋଇ ଯନ୍ତ୍ରଣାରେ ଛଟପଟ ହୋଇଥାଏ । ଏମିତି ଏକ ଜୀବନକୁ ନେଇ ଷାଠିଏ ବର୍ଷର ବୃଦ୍ଧ ନରେଶ ବାବୁ ଆଖିରୁ ଲୁହଗଡ଼ାଇ ଚାଲିଥାନ୍ତି । ସବୁକିଛିଥାଇ କିଛି ନଥିବାର ଅନୁଭବ କରନ୍ତି । ପୁଅ, ବୋହୂ, ନାତି, ନାତୁଣୀଙ୍କ ହସର ଶବ୍ଦରେ ଘର ଫାଟି ପଡୁଥାଏ । ମନେହୁଏ ସବୁକିଛି ହାତପାହାନ୍ତାରେ ପାଇଯାଇଛନ୍ତି । ଗୋଟିଏ ଘରେ ସୁଖ ଓ ଦୁଃଖ ବୋଧହୁଏ ବାଣ୍ଟି ହୋଇ ରହିଥାଏ । ଘରର ସମସ୍ତ ସଭ୍ୟ ତାଙ୍କୁ ଆଡ ଆଖିରେ ଚାହାନ୍ତିନି । କେବଳ ଚାକରାଣୀ ସମୟ ଅନୁସାରେ ଖାଇବାକୁ ଗଣ୍ଡେଦେଇ ଚାଲିଯାଏ । ତାହା ମଧ ସ୍ନେହରେ ନୁହେଁ କର୍ତ୍ତବ୍ୟ ଅନୁସାରେ । ଏ ସମସ୍ତ ଘଟଣା ତାଙ୍କୁ ଭାରି ଦୁଃଖଲାଗେ । କ'ଣ ବା କରିବେ ? ଥୁ ାଗଛ ଓ ବୃଦ୍ଧ ବ୍ୟକ୍ତି ମଧରେ କ'ଣ ବା ତଫାତ୍ ? ପକ୍ଷୀମାନେ ପତ୍ର, ଫୁଲଭରା ବୃକ୍ଷକୁ ଯେମିତି ଆଦର କରନ୍ତି ଥୁଣ୍ଟାଗଛକୁ ସେମିତି କରନ୍ତିନି । କ'ଣ ବା ଅଛି ସେ ଗଛରେ ! କେବଳ ମୃତ୍ୟୁ ଅପେକ୍ଷାରେ । କେବଳ କେତେଗୁଡିଏ ପକ୍ଷୀମାନଙ୍କର ମଳ ତ୍ୟାଗରେ ଗଛଟାସାରା ଧଳା ହୋଇଯାଇଥାଏ । କିନ୍ତୁ ଗଛ ଓ ମଣିଷ ମଧରେ ଅନେକ ତଫାତ୍ । ଗୋଟିଏ ନିଜ ଅନୁସାରେ କାର୍ଯ୍ୟକରେ ଅନ୍ୟଟି ପ୍ରକୃତିର ନିୟମ ଅନୁସାରେ କାର୍ଯ୍ୟକରେ ।

ପୁରୁଣା ଚୌକିରେ ବସି ଭାବିଚାଲିଥାନ୍ତି ନିଜ କିଶୋର ଜୀବନର କଥା - ନରେଶ ବାବୁ । ସେ ଥିଲେ ବାପା, ମା'ଙ୍କର ଏକମାତ୍ର ସନ୍ତାନ । ଯାହା ଅଳିକରିଛନ୍ତି ସବୁକିଛି ପାଇଥିଲେ ଶୈଶବରୁ ଯୌବନ ପର୍ଯ୍ୟନ୍ତ । କଲେଜରେ ପଢ଼ିବାବେଳେ ଯୌବନର ମାଦକତା ତାଙ୍କୁ ବେଶ୍ ସ୍ପର୍ଶ କରିଥିଲା । ନିଜ କ୍ଲାସର ରେଣୁକୁ ମନଦେଇ ଭଲପାଇଥିଲେ । ରେଣୁମଧ ତାଙ୍କୁ ଅନ୍ତରଦେଇ ଚାହିଁଥିଲେ । +୨ ପଢ଼ିବା ସମୟରେ ଉଭୟଙ୍କ ମଧରେ ନିବିଡ଼ ଭଲ ପାଇବା ଥିଲା । ଏଭଳି ଖିଆଲି ଅଭିପ୍ସା । ସେ ସମୟର ପିଲାଙ୍କ ମଧରେ ଆସିଥାଏ । ଯାହାଦ୍ୱାରାକି ନରେଶ୍ ପାଠପଢ଼ା ପ୍ରତି ଯେତିକି ଗୁରୁତ୍ୱ ଦେଉନଥିଲେ, ଗୁରୁତ୍ୱ ଦେଉଥିଲେ ଭଲ ପାଇବାକୁ ।

ନୂଆନୂଆ ଫୁଲପ୍ୟାଣ୍ଟ ସାର୍ଟ ପିନ୍ଧା, ତା' ସାଙ୍ଗକୁ ବାଇକ୍ । ତାଙ୍କ ମନ ଆକାଶ ଛୁଉଁଥିଲା । ଜୀବନକୁ ନେଇ ଅଯେସରେ କାଟନ୍ତି ନରେଶ୍ । ଶ୍ରେଣୀକକ୍ଷରେ ଅନେକ ବାର ଅନୁପସ୍ଥିତ ନେଇ ଅଧାପକଙ୍କ ଠାରୁ ଗାଳି ଶୁଣିଛନ୍ତି । ତଥାପି ଦୁଃଖନଥିଲା । କାରଣ ଭଲପାଇବାର ଗୁରୁତ୍ୱ ସାମ୍ନାରେ ଗାଳି ଅମୃତତୁଲ୍ୟ ମନେହୁଏ । ତାଙ୍କ ମତରେ "ଭଲପାଇବା କାହାଭାଗ୍ୟରେ ଆସେ ! ଅନେକ ପିଲା କଲେଜ ଆସନ୍ତି କିନ୍ତୁ ଭଲ ପାଆନ୍ତି କେତେଜଣ ? ହାତଗଣତି ଚାରିପାଞ୍ଚ ଜଣ ହେବେ ।"

ପ୍ରେମିକାକୁ ନେଇ ପାର୍କ ବୁଲିବା, ଫିଲିମ୍ ଦେଖିବା, ଘଣ୍ଟା ଘଣ୍ଟାଧରି ଗପିବାରେ ଯେଉଁ ଆନନ୍ଦ

ମିଳେ, ତାହାକ'ଣ ପାଠପଢ଼ାରେ ଥାଏ ? ପାଠପଢ଼ାଟା ଭାରିବୋରିଂ, କଷ୍ଟ ମଧ୍ୟ । ସବୁବେଳେ ବହିପଢ଼ିବା, ପ୍ରାଟିସ୍ କରିବା, ପରୀକ୍ଷା ଦେବା, କିନ୍ତୁ ଭଲପାଇବାରେ ସେ ସମସ୍ତ ନଥାଏ । ଏଭଳି ଏକ ଖିଆଲି ମନନେଇ କଲେଜ କ୍ୟାରିଅର ଆରମ୍ଭ କରନ୍ତି ନରେଶ୍ । ଯେଉଁ ଶିକ୍ଷକ ପାଠପଢ଼ା ବାବଦରେ କିଛି କୁହନ୍ତି । ତାଙ୍କ ଉପରେ ନରେଶ ରାଗିଉଠେ । ମନେ ମନେ ଚିନ୍ତାକରେ -

—ଏ ମାଷ୍ଟର କ'ଣ ଯାଏ ଆସେ ! ପାଠପଢ଼ାଇବାକୁ ଆସିଛି, ପଢ଼ାଇଯିବ । ଜୀବନକୁ ନେଇ ଏତେ ଅଙ୍କ କଷୁଛି କ'ଣ ? ଭାରି ବାଜେ ମାଷ୍ଟରଟା !

ଏମିତି ଅନେକ କ୍ରୋଧନେଇ ପାଠପଢ଼ନ୍ତି, କିନ୍ତୁ ଅଧ୍ୟାପକ ଜଣକ ବାରମ୍ବାର ବୁଝାନ୍ତି -

— ଦେଖପିଲେ ! ଜୀବନର ଏହି ଛଅବର୍ଷ ଯଦି କଷ୍ଟ କରିବ ତେବେ ଅବଶିଷ୍ଟ ଜୀବନ ବେଶ୍ ଖୁସିରେ କାଟି ପାରିବ । ନଚେତ୍ ଜୀବନଟା ଭାରିକଷ୍ଟ ହେବ । ସବୁବେଳେ ବାପା, ମା'ଙ୍କ ସମ୍ପ ତ୍ତି ନଥିବ । ସବୁବେଳେ ବାପା, ମା' ନଥିବେ । ତୁମେ ଘର ସଂସାର କଲେ ତୁମ ପିଲାମାନେ ଆଡ଼ ଆଖିରେ ଚାହିଁବେ ନାହିଁ । ସମସ୍ତେ ଘୃଣା କରିବେ । ସେତେବେଳେ ଯେଉଁ ଦୁଃଖ ଆସିବ । ତାହା କଳନା କରିପାରିବନି ।

ଅଧ୍ୟାପକଙ୍କ କଥାଗୁଡ଼ିକ ପ୍ରତି ଖାତିର ନଥାଏ ନରେଶର । ମନେ ମନେ ଚିନ୍ତାକରେ ବହୁତ ଭାଷଣ ଦେଉଛି । ଏ ସମସ୍ତ ଭାବି ନିଜ କାର୍ଯ୍ୟରେ ବ୍ୟସ୍ତହୋଇପଡ଼େ, ପରୀକ୍ଷା ଆସିବାରୁ କିଛି ସମୟ ପଢ଼ି ଅବଶ୍ୟ ପାସ୍ ହୋଇଯାଏ । ଯେମିତି ଅନେକ ପିଲାପାସ୍ କରନ୍ତି । ଏମିତି ଗଡ଼ିଚାଲିଲା ପାଠପଢ଼ା ବି.ଏ. ସି. ପର୍ଯ୍ୟନ୍ତ । ଏହି ସମୟରେ ରେଣୁ କିନ୍ତୁ ପାଖରେ ନଥାଏ । ରେଣୁ ଭଲ ନମ୍ବର ରଖି ଇଞ୍ଜିନିୟରିଂ ପଢ଼େ ସହରରେ । ଭଲପାଇବାର ପୂର୍ଣ୍ଣଛେଦ ପଡିଯାଏ । କିନ୍ତୁ କଲେଜ କ୍ୟାରିଅରରେ ଭଲପାଇବାର ଅଭାବନଥାଏ । ଯେ ଚାହେଁ ତାକୁ ମିଳିଯାଏ, ସେବି ଟାଇମ୍ ପାସ୍ । ବର୍ଷ ସରିଗଲେ ଭଲ ପାଇବା ଶେଷ । ଯେମିତି ଟ୍ରେନ୍ ମୁଖ୍ୟ ଷ୍ଟେସନରେ ପହ ଞ୍ଚ ବା ପୂର୍ବରୁ ଅନେକ ପ୍ଲାଟଫର୍ମ ଦେଇଯାଏ, ଠିକ୍ ସେହିପରି କଲେଜ କ୍ୟାରିଅର୍‌ର ଭଲପାଇବା ।

ନରେଶ ନିଜର ତୃତୀୟ ଶ୍ରେଣୀର ସାର୍ଟିଫିକେଟ୍ ଧରି ଅନେକ ବାର ଦୌଡ଼ିଛି ଚାକିରୀ ଖଣ୍ଡେ ଆଶାରେ । କିନ୍ତୁ ଯେଉଁଠି ଫାଷ୍ଟକ୍ଲାସ୍ କ୍ୟାରିଅରଧାରୀ ଗଦାଗଦା ସେଠି ଆକୁ ପଚାରେ କିଏ ? ସେଇଠୁ ଭାବେ କ୍ୟାରିଅର ଓ ଜୀବନର କଥା । ଦୁଃଖରେ ଭାଙ୍ଗିପଡେ, କ'ଣ ବା ଲାଭ ? ସମୟ କ'ଣ ଫେରିଆସିବ ?

ଏମିତି ଚାକିରୀ ପାଇଁ ଅନେକବାର ଦୌଡ଼ି ଦୌଡ଼ି ନୟାନ୍ତ ହୋଇଯାଏ । ଶେଷରେ ବାପା, ମା' ସ୍ଥିର କରନ୍ତି ବିବାହ ବନ୍ଧନରେ ବାନ୍ଧିଦେବା ପାଇଁ । କିନ୍ତୁ ନରେଶ୍ ମନାକରେ । ତଥାପି ବାପା, ମା'ଙ୍କ ହୃଦୟ ସହଜେ ମାନେନି ! ପୁଣି ଏକମାତ୍ର ପୁଅ, କୁଳରକ୍ଷା ହେବ କେମିତି ? ଶେଷରେ ଏକ ଦୋକାନ ଦିଏ ନରେଶ୍ । ବିବାହଶେଷ ହୋଇଯାଏ । ସୁନ୍ଦର ତରୁଣୀ ନୀଳିମା ଘରକୁ ଆସନ୍ତି, କିନ୍ତୁ ନରେଶ୍ ମନରେ ଖୁସିନଥାଏ । ଅବିବାହିତ ସମୟର ପ୍ରେମ ଏବଂ ବିବାହିତ ସମୟର ଘର ସଂସାର ମଧ୍ୟରେ ଅନେକ ତଫାତ୍ । ଯାହାହେଉ ବାଧ୍ୟହୋଇ ସଂସାରରେ ମାତିଯାଏ ନରେଶ୍ । ଦୁଇପୁଅର ପିତା ରୂପେ ପରିଚିତ ହୁଅନ୍ତି ।

ଛୋଟପିଲାମାନଙ୍କୁ ପାଠପଢ଼ାଇବା ପାଇଁ ଆଜିକାଲି ସ୍କୁଲର ଦରମା ଶୁଣି ନରେଶ୍ ଦବିଯାଏ । କିନ୍ତୁ ତାଙ୍କ ବାପା ନିଜ ନାତି ଦୁହିଁଙ୍କୁ ପାଠ ପଢ଼ାଇବା ପାଇଁ ନିଜ ବ୍ୟାଙ୍କ ଜମାରୁ ଟଙ୍କା ଆଣି ଖର୍ଚ୍ଚ କରନ୍ତି । ଯଦିଓ ଏ ସମସ୍ତ ଦେଖିଲେ ଦୁଃଖ ଲାଗେ, ତଥାପି କରିବେ ବା କ'ଣ ? ପିଲାମାନଙ୍କର ପାଠପଢ଼ା ଆରମ୍ଭ ହୁଏ । ଯଦି ପିଲାମାନେ ଦୁଷ୍ଟ ହୁଅନ୍ତି ନରେଶ୍ ନିଜ

ପିତୃତ୍ୱର ଅଧିକାରରେ ଗାଳିଦିଏ ! କିନ୍ତୁ ଥରେ ବଡ଼ପୁଅ ଉତ୍ତରଦେଲା -

– ବାପା ! ଆପଣ କାହିଁକି ଆମକୁ ଟିକିଏ ଟିକିଏ କଥାରେ ଗାଳିଦେଉଛ । ଆପଣଙ୍କ ପଇସାରେ ଆମେ କ'ଣ ପାଠ ପଢ଼ୁଛୁ ? ଆମେତ ଆମ ଜେଜେବାପାଙ୍କ ପଇସାରେ ପଢ଼ୁଛୁ ।

ପୁଅର ଏକଥା ପଦକ ନରେଶଙ୍କୁ ଶକ୍ତ ଜାବୁଡ଼ା ପରି ଲାଗେ । ବନ୍ଦ ହୋଇଯାଏ ପିତୃତ୍ୱ ପଣିଆ । କାନମୁଣ୍ଡା ଭେଁ ଭେଁ ହୋଇଯାଏ । ଅଙ୍କ କଷି ଚାଲିଥାନ୍ତି ପୂର୍ବ ଜୀବନକୁ ନେଇ । ସବୁଠି କେବଳ ଅସଫଳ । ଆଖିଲୁହ ଆଖିରେ ମାରି ରହିଯାଆନ୍ତି । ପିଲାମାନେ ବଡ଼ହେଲେ, ଚାକିରୀକଲେ, ବାହା ସାହା ହେଲେ, ତାଙ୍କର ପିଲାଛୁଆ ହେଲେ । ସମୟ ଗଡିଗଡ଼ି ବ ର୍ତ୍ତମାନ ନରେଶ ୬୦ବର୍ଷରେ । ଫେରିଆସନ୍ତି ନିଜ ସମୟକୁ । ଆଖି ଲୁହରେ ଭିଜିଯାଇଥାଏ ପିନ୍ଧିଥିବା କାମିଜ୍ ଖଣ୍ଡକ । ଖୋଜି ବୁଲୁଥାନ୍ତି ନିଜ କଲେଜ କ୍ୟାରିଅରକୁ । ଅପର ଘରୁ ଶୁଣାଯାଉଥାଏ, ନାତି କହୁଥାଏ -

– ବାପା ! ଜେଜେବାପାଙ୍କୁ ଆମ ଖୁସିରେ ସାମିଲ୍ କରୁନ କାହିଁକି ? ସେ ଏକୁଟିଆ ହୋଇ ସେ ପାଖେ ବସିଛନ୍ତି ।

– ଛାଡ୍ ତାଙ୍କ କଥା ! ସେ ହେଉଛନ୍ତି ଜଣେ କୁଳାଙ୍ଗର, ତାଙ୍କର କ'ଣ ଖୁସି ?

– ବାପା ! କୁଳାଙ୍ଗର ମାନେ କ'ଣ ?

– ଏହାର ଅର୍ଥ ହେଉଛି ନିଜ କୁଳ ବା ବଂଶ ପାଇଁ ସେ ହେଉଛନ୍ତି ଅଯୋଗ୍ୟ ।

ବାପା, ପୁଅଙ୍କ କୁଳାଙ୍ଗର ଶବ୍ଦର ଅର୍ଥ ନରେଶଙ୍କୁ ତୀକ୍ଷ୍ଣ ଶରାଘାତ ପରି ମନେହେଉଥାଏ । ଭିତରର କୁଳାଙ୍ଗାର ଜୀବନଟି ଛଟପଟ ହେଉଥାଏ । ଖୋଜିବୁଲୁଥାନ୍ତି ପୁଣି ସେହି ଛାତ୍ର ଜୀବନକୁ । ଯାହା ଖୋଜିଲେ କେବଳ ଆକାଶ କୁସୁମ ।

ଓଡ଼ିଆ ଅଧାପକ
ମୋ : ୯୪୩୯୨୫୩୦୬୫



# R. S. TUTORIALS

SURYALOKA LANE, CHANDI CHHAK, CUTTACK

*Admission Open !* *Admission Open !*

**A Complete Coaching for**

**+2 Arts & Commerce**
**+3 Arts (Hons, Elective, Pass)**

**Special Coaching for : Spoken English And also M. A. Entrance, (Pol. Science)**

Contact : 9861462581, 9861816123

# କଣ୍ଟା ଡାହାଣୀ

ଧନେଶ୍ୱର ବେହେରା

ମେଳାର ମଜାନେଇ ଛୋଟପିଲା, ମାଇପି, ମରଦ ଆମ୍ବତୋଟା ଦେଇ ଫେରୁଥାନ୍ତି । ଛୋଟପିଲାମାନେ ନାନା ପ୍ରକାରର ପେଁକାଳି ବଜାଇ ବାଟଘାଟ କମ୍ପାଉଥାନ୍ତି । ଯେତେ ମନାକଲେ ବି ସେମାନଙ୍କୁ ବନ୍ଦକରି ହେଉନି । ଜିଦାଜିଦିରେ ନିଜ ରାହା ଥିବାପର୍ଯ୍ୟନ୍ତ ଫୁଙ୍କି ଚାଲିଥାନ୍ତି ପେଁକାଳି । କାନଅତରା ପଡ଼ି ଯାଉଥାଏ । ଅନ୍ଧାରିଆ ରାସ୍ତାରେ ଯଦି ଭୂତକି ପ୍ରେତଥିବେ ସେମାନେ ଏ ଶବ୍ଦଶୁଣି ଭୟରେ କୁଆଡେ ଡିଆଁମାରିବେ ତାର ଠିକଣା ନଥିବ । ଟିକିଏ ପୂର୍ବରୁ ବର୍ଷା ଅସରାଏ ହେଇଥିଲା ଯେ କରକଟା ରାସ୍ତାରେ ଯେଉଁଖାଲଗୁଡାକ ଥିଲା ପାଣିଫୁଲ୍ । ପିଲାଗୁଡାକ ସିନା ପାଣିଭିତରେ ଡେଇଁ ଡେଇଁ ବାହୁଣୀବେଙ୍ଗ ଭଳି ଚାଲିଯାଉଛନ୍ତି କିନ୍ତୁ ବୁଢ଼ାବଢ଼ୀମାନେ ବେଳେବେଳେ ନଥିକିନା ପଡି ଇଲୋ ମାଲୋ ରଡ଼ି କରୁଥାନ୍ତି । ଖାଲରେ ପଡିଥିବା ବୁଢ଼ାବୁଢ଼ୀପାଖକୁ ପିଲାମାନେ ଧାଇଁ ଆସି ପେଁକାଳି ବଜାଇବାରୁ ବିରକ୍ତି ହୋଇ ଗାତପଶା, ବାଡ଼ି ତମକୁ ନେଉରେ, ଗାଳି ଶୁଣିବାକୁ ମିଳୁଛି । ଏମିତି ଏକ ଅଜବ ମୁହୂର୍ତ୍ତରେ ସମସ୍ତେ ଭାଗିଦାର ହୋଇ ଘରମୁହାଁ ହୋଇଥାନ୍ତି । ହଠାତ୍ କ'ଣ ହେଲା କେଜାଣି ପେଁକାଳି ରଡ଼ି ବନ୍ଦ ହୋଇଯିବା ସହ, ସବୁ ଛୁଆଗୁଡ଼ାକ ହେଁକଡ଼ ଭାଙ୍ଗିଗଲା ପରି ସମସ୍ତେ ଆସି ବାପା, ମା' ପାଖରେ ଠେସି ହୋଇ ଚାଲିଲେ । ମନେହେଉଥାଏ , ଏଥର ଯେମିତି ସବୁ ଶୁନ୍‌ଶାନ୍ । କେହିଜଣେ ମାଇପିଥିଲା କହିଲା -

– ଏ ଛୁଆଏ ! ସବୁ ପଳେଇ ଆସ, ଆଗରେ କଣ୍ଟା । ଡାହାଣୀ ଅଛି । ଦେଖିଲେ କିମିଆ କରିଦେବ ।

ହଠାତ୍ ପିଲାମାନେ ଚିତ୍ରପ୍ରତିମା ପ୍ରାୟ ନିସ୍ତେଜ ହୋଇ ଚାଲିଲେ । ବୁଦାଳିଆ ଭଙ୍ଗଚ କଣ୍ଟା, ଅପନ୍ତରା ଯାଗା, ଆଲୁଅ ନାହିଁ । କିନ୍ତୁ ଗୋଟିଏ ଚାଳିଆଘର ଭିତରୁ ଡିବିରି ଆଲୁଅଟି ଦେଖା ଯାଉଥାଏ । ସେଇଘର ଦେଇ ଯେତେବେଳେ ଲୋକମାନେ ଗଲେ ସେତେବେଳେ କେହିକେହି କହିଲେ -

– ଆଲୋ ଏ ଡାହାଣୀ ! ଶୋଇଲୁଣି କିଲୋ ପୁତଖାଇ, ଘଇତା ଖାଇ, ତୋତେ ମରଣ ହେଉନି କାହିଁକି ?

ଏଇ କଥା ପଦକ ଶୁଣି କେହିଜଣେ ଘରଭିତରୁ ବାହାରି ଆସିଲା ପରିମନେହେଲା । କବାଟର କେଁ କାଁ ଶବଦରେ ଛୋଟ ଛୁଆଗୁଡ଼ାକ ଭୟ ପାଇଲାଭଳି ଜଣାଯାଉଥାଏ । ସମସ୍ତେ ଚାଲିଗଲାପରେ ଘରଭିତରୁ ବେଶ୍ ଧୀରେ ଧୀରେ ବାହାରିଲା ବାସନ୍ତୀ, ବୟସ ୩୫ । ଦୁଇଦିନହେଲା ଖିଆ ନାହିଁ କି, ପିଆ ନାହିଁ । ସମସ୍ତେ ମେଳାଦେଖିବାକୁ ଯାଆନ୍ତି କିନ୍ତୁ ତା ପାଇଁ ମନା, ଡିବିରି ଆଲୁଅଟିକୁ ଧରି ବାହାରେ କିଛି ସମୟ ବସିଲା । ଡିବିରିଟାରେ କାଚ ନାହିଁ ଯେ ପବନ ନିଭାଇଦେବାକୁ ଚେଷ୍ଟା କରୁଛି । କିନ୍ତୁ ସେ ତା'ର ଫଟା କଣତକାନିରେ ପବନକୁ ରୋକିବାକୁ ଚେଷ୍ଟାକରୁଛି । ଲୋକମାନେ କୁହାକୁହି ହେଉଥିବା କଣ୍ଟା । ଡାହାଣୀ ହେଉଛି ବାସନ୍ତୀ । ସେ ମନେ ମନେ ଚିନ୍ତା କରୁଥାଏ ତା'ର ଭୁଲ୍ ରହିଲା କେଉଁଠି । ସେ ତ ତା' ବା' ମା'ର ଗୋଟିଏ ବୋଲି ଝିଅ । କେତେ ସେରନ୍ତାରେ ବଢ଼ିନଥିଲା । ମା' କହୁଥିଲା କେତେ ଦିଅଁ ଦେବତାରେ ତାକୁ ପାଇଥିଲା । ଏକୋଇଶା ଦିନ

ବାଦିପାଲା ହୋଇଥିଲା । ଗାଁ ଯାକର ଲୋକ ପତର ପାରି ଭୋଜି ଖାଇଥିଲେ । ଗାୟକ ନା ରଖିଥିଲା ବାସନ୍ତୀ । ପାଠପଢ଼ିବାକୁ ଇସ୍କୁଲକୁ ଯାଇଥିଲି । ଇସ୍କୁଲର ସବୁ ଶ୍ରେଣୀ ନପଢ଼ିଲେ କ'ଣ ହେବ, ଭାଗବତ ବହି ପଢ଼ି ଶିଖିଛି । ପିଲାଦିନେ ଭାରିଲାଜକୁଳି ଥିଲିବୋଲି ସମସ୍ତେ ଲାଜେଇ ଡାକୁଥିଲେ । ଭାରି ସ୍ନେହ କରୁଥିଲେ । ଚିତା ପକାଇ ଜାଣିଥିଲି ବୋଲି ଗାଁର ଅଧେ ଘର ମାଣବସା ଦିନ ଚିତାପକାଉଥିଲି । ବାସନ୍ତୀ, ବାସନ୍ତୀ ସମସ୍ତେ ଡାକ ପକାନ୍ତି । କିନ୍ତୁ ଆଜି ହଠାତ୍ ସେ ସ୍ନେହବୋଳା ଡାକ ବଦଳରେ "କ ଈଁ। ଡାହାଣୀ" ଶବଦଟା ବେଶ୍ ବାଧୁଥିବାର ବାସନ୍ତୀ ଅନୁଭବ କଲା । ଡିବିରି ଆଲୁଅର ଶିଖାଟିକୁ ଟିକିଏ ତେଜଦେଇ ଶିଖାର ନାଲି ଆଲୁଅରେ ତା'ଜୀବନ ପରସ୍ତ ପରସ୍ତ ଦୁଃଖକୁ ଅନୁଭବ କରୁଥାଏ ।

ସେଦିନଥାଏ ପୂର୍ଣ୍ଣମୀ, ଚାରିଆଡେ ଜହ୍ନଆଲୁଅରେ ଧୋବ ଫରଫର ଦେଖାଯାଉଥାଏ । ନାଲି ମାଟିର କାନ୍ଥରେ ପଡ଼ିଥିବା ଚିତାଗୁଡ଼ାକ ବେଶ୍ ଜକ୍ ଜକ୍ ଦେଖାଯାଉଥାଏ । ମନେହେଉଥାଏ କାନ୍ଥରେ କିଏ ସତେ ଚିତ୍ର ଆଙ୍କି ଦେଇଛି । ବା' ମା'ର ଡାକ ପଡୁଥାଏ ବାସନ୍ତୀ ତିଆର ହେଲାଣି କି ନାହିଁ । ବାସନ୍ତୀର ମନଖୁସିରେ ଫାଟି ପଡୁଥାଏ । ଗାଁ ମୁଣ୍ଡରେ ଗଛବାଣର ଶବ୍ଦରେ ପ୍ରକମ୍ପିତ ହେଉଥାଏ । ଢୋଲ କାଠବାଇଦ ଓ ଚାଙ୍ଗୁବାଜାର ଶବ୍ଦ ଯେତେ ପାଖେଇ ଆସୁଥାଏ ବାସନ୍ତୀ ମନରେ ସେତେ ଛନକା ପସୁଥାଏ । ଧୀରେ ଧୀରେ ପାଲିଙ୍କି ଆସି ତା' ଘର ଆଗରେ ରହିଲା । ମାଇପିମାନଙ୍କର ହୁଳହୁଳି ସ୍ୱର କାନଅତଡ଼ା ପକାଉଥାଏ । ବ୍ରାହ୍ମଣ ନିଜର ବାଟ କାମସାରି ଜୁଆଁଇ ପୁଅକୁ ଘରକୁ ନେଇ ଆସିଲେ । ତା'ପରେ ବେଦୀରେ କର୍ମ ପଢ଼ାଗଲା । ବାସନ୍ତୀ ନିଜର ଓଢ଼ଣା ତଳେ କଇଁ କଇଁ ହୋଇ କାନ୍ଦୁଥାଏ ନିଜର ବା' ମା' ଙ୍କ କଥା ଭାବି ଭାବି । ସେ ଚାଲିଗଲା ପରେ ତା' ବା'ମା'ର ସାହା କିଏ ହେବ ? କ'ଣ କରିବ ଝିଅ ଜନମତ ପରଘରକୁ । ତା' ପରଦିନ ସବାରୀରେ ବସି ବାସନ୍ତୀ ପାଖ ଗାଁକୁ ବୋହୂହୋଇ ଗଲା । ନିଜର ମନର ରାଜକୁମାର ନିଧିକୁ ପାଇ ବେଶ୍ ଖୁସିରେ ଜୀବନ କଟାଉଥାଏ । ବର୍ଷେ ହୋଇଛି କି ନାହିଁ ବୁଢ଼ା ମା' ବା' ଦିଟା ଆର ପାରିକି ଟିକେଟ କାଟିଦେଲେ । ବା'ମା'ର ସ୍ନେହ ମନେ ପଡିଗଲେ ବିଚାରୀ ବେଳେ ବେଳେ ରାତିଯାକ ବସି କାନ୍ଦେ । କିନ୍ତୁ ନିଧି ବୁଝାସୁଝା କଲେଯାଇ ବାସନ୍ତୀ ଶୁଏ । ଏମିତି କିଛି ଦିନପରେ ବାସନ୍ତୀ ଅନ୍ତଃସ ତ୍ତ୍ୱା ହୁଏ । ଖୁସି ନକହିଲେ ଚଳେ । କାରଣ ବାହାଘରର ୫ବର୍ଷ ପୁରିଯାଇଥିଲେ ବି ପିଲାଛୁଆ ହେଉନଥିବାରୁ ଗାଁର ମାଇପି ଗାଧୁଆ ତୁଠରେ ବାସନ୍ତୀକୁ ଦେଖେଇ ଅନେକ କଥା କୁହନ୍ତି, କିଏ କୁହେ -

– ଏଟା ଗୋଟେ କର୍କଟି ବାଞ୍ଝ, ଇଆ ମୁହଁ ଦେଖିଲେ ଅଶୁଭ, ଛି ଛି ଛି....

ବାସନ୍ତୀ କିନ୍ତୁ ଏବେ ବହୁତ ଖୁସି, ତା'ର ଛୁଆଟିଏ ହେବ । ତା କୋଳ ଭରିହେବ । ଭଗବାନ ତା'ର ଦୁଃଖ ଶୁଣିଲେ, ବଂଶ ରକ୍ଷାହେବ । ନିଧି ମଧ ଆହୁରି ଖୁସି, ଦଶମାସପରେ ବାସନ୍ତୀର ଗୋଟିଏ ପୁଅ ହେଲା । ଦେଖିବାକୁ ବେଶ୍ ଡଉଲ ଡାଉଲ । ଗାଁର ସବୁ ମାଇପି ଆସି ଦେଖିକି ଯାଆନ୍ତି । ବୁଢ଼ୀମାନେ ଆଶୀର୍ବାଦ ଦିଅନ୍ତି।

– ଛୁଆଟାକୁ ଭଗବାନ ଆଇଷ ପରମାୟୁ ଦେଇଥାନ୍ତୁ ।

ପିଲାଟା ବର୍ଷକର ହୋଇଛି କି ନାହିଁ , ତା'ର ଝାଡ଼ାହେଲା । ଡାକ୍ତରଖାନରୁ ଔଷଧ ଆଣି ଦେଲା । କିନ୍ତୁ ଭଲ ହେଲା ନାହିଁ । ଗାଁ ପାଖରେ ଯେତେ କାଳିସୀ ଥିଲେ ସମସ୍ତଙ୍କ ପାଖରେ ନେଇ ଝାଡ଼ିଲା । ନିଧିଆ, ବାସନ୍ତୀ ରାତି ତମାମ୍ ଶୁଅନ୍ତି ନାହିଁ, କେବଳ ପୁଅ ଚିନ୍ତା, କିନ୍ତୁ ନରହିବା ଧନ ରହିବ ବା କୁଆଡୁ । ଭଗବାନ ତାକୁ ଆରପାରିକି

ନେଇଗଲେ । ବିଚରା ପୁଅକୁ ପାସୋରୀ ବାସନ୍ତୀ ପାଗେଳି ଭଳି ହେଲା । ନିଧି ଯେତେ ବୁଝାଇଲେ କି ତା'ର ଯେତେବେଳେ ଛୁଆଟାର ଡଉଲ ଡାଉଲ ଚେହେରାଟା ମନେ ପଡିଯାଏ ଅସରାଏ ଦିଅସରା ପୁଅ କଥାକହି ବାହୁନି କାନ୍ଦେ । ଗାଁ ମାଇପିମାନେ ବି କହନ୍ତି -

– ବ୍ୟସ୍ତ ହଅନା ଲୋ ବାସନ୍ତୀ ! ଭଗବାନ କଲେ ଆଉ ବରଷ ଏତେବେଳକୁ ତୋ କୋଳରେ କୁଆଁ କୁଆଁ ଶୁଭିବ ।

କିନ୍ତୁ ବାସନ୍ତୀ ଯେଉଁଠି ବସେ କେବଳ ତା' ପୁଅ କଥାଭାବେ । ଏତିକିରେ ବୋଧେ ତା' ଦୁଃଖ ଯାଇନଥିଲା । ଦିନେ ନିଧିଆ ହଳ କରିବାକୁ ବିଲକୁ ଯାଇଥାଏ । ତାକୁ ଗୋଟାଏ ସାପ କାମୁଡ଼ି ଦେଲା । ବିଲରୁ ହୁଡା ପାଖକୁ ଆସିଛି କି ନାହିଁ ସେଇଟି ଫେଣ ଗଜ ଗଜ ହୋଇ ସଫା । ଲୋକମାନେ ବିଲରୁ ନିଧିଆକୁ ଘରକୁ ଟେକି ଆଣିଲେ । ବିଚାରୀ ବାସନ୍ତୀ ଏସବୁ ଦେଖି କାଠଭଳି ଘର କଣରେ ପଡିରହିଥାଏ । ଆଖିରୁ ତା'ର ଟିକେ ଲୁହ ଗଡୁନଥାଏ । ସାଇ ମାଇପିଏ ନିଧି ପୋଡାହେଲା ପରେ ବାସନ୍ତୀକୁ ନେଇ ପୋଖରୀ ତୁଠରେ କାଚବାଡେଇ ରାଣ୍ଡ କରି ଦେଇଥିଲେ । ସେତେବେଳେକୁ ତା'ର ନିଜରବୋଲି ଆହା ପଦେ କରିବାକୁ ବି ନଥାନ୍ତି । ସେ ମନେ ମନେ ଚିନ୍ତାକରୁଥାଏ ଏତେବଡ଼ ସଂସାରରେ ସେ କେମିତି ବଞ୍ଚିବ । ବରଂ ମରିଯିବାଟା ଭଲ, କିନ୍ତୁ ଦୁଇ ଦୁଇଥର ରଶି ଦେଇଛି ହେଲେ ମରଣ ହେଲାନି ।

ସାଇରେ କିଛିଦିନ ରହିଛି କି ନାହିଁ । ଯେଉଁଦିନ ଯଦି କାହାପିଲାଙ୍କର ଝାଡ଼ାବାନ୍ତି ହେଲା, ସବୁ ଦୋଷ ବାସନ୍ତୀ ଉପରକୁ ଆସିଥାଏ । ଗାଁ ଲୋକଙ୍କ ମତରେ ବାସନ୍ତୀ ବୋଧେ ଦେଖିଦେଇଛି, ସେଥିପାଇଁ ପିଲାଟା ଝାଡ଼ାବାନ୍ତି ବନ୍ଦ ହେଉନି । ପିଲାକୁ ନେଇ ଗାଁ କାଳିସୀ ପାଖକୁ ଯାଆନ୍ତି, କାଳିସୀ କହେ -

– ଏ ପିଲା ଉପରେ ଗୋଟେ ଖରାପ ମାଇକିନାର ନଜର ପଡିଛି, ଭଲ କରିଛ ଶୀଘ୍ର ନେଇ ଆସିଛ । ନହେଲେ ଆଉ ପୁଅକୁ ପାଇନଥାନ୍ତ ।   କାଳିସୀ କଥାରେ ସମସ୍ତେ ବାସନ୍ତୀକୁ ଡାହାଣୀ ବୋଲି କହନ୍ତି । ଶେଷକୁ ଗାଁ ଲୋକେ ସ୍ଥିର କଲେ ବାସନ୍ତୀକୁ ଗାଁରୁ ବାହାର କରି ଦେବାକୁ । ସତକୁ ସତ ସେଇଆ ହେଲା ।

ଥିଲା ଥିଲା କେଉଁଆଡୁ ଦଲକାଏ ପବନ ଆସି ଡିବିରିଟା ଲିଭିଗଲା । ବାସନ୍ତୀ ପ୍ରକୃତିସ୍ଥ ହୋଇ ତା ଆଖିରୁ ବୋହୁଥିବା ଲୁହଧାରକୁ ପୋଛିଦେଇ ଘର ଭିତରକୁ ଯାଇ ଦିଆସିଲି ଖୋଜୁଥାଏ । ସେ ଅନୁଭବ କଲା କେହି ଜଣେ ଘର ଭିତରେ ଥିବାର । ସେ ଯେତେ ଚିତ୍କାର କରି କିଏ କିଏ ବୋଲି ପଚାରୁଥାଏ, କିଛି ଉ ତ୍ତ ର ନଥାଏ । ହଠାତ୍ ଅନୁଭବ କଲା କଳା ମଚ ମଚ ଦିଟା ହାତ ତାର ପାଟିକୁ ଚାପିଧରି ତା'ର ଦୁର୍ବଳ ଦେହ ଉପରେ ବଳକସି ଚାଲିଲା । ତା'ପରେ ତାକୁ ଟାଳିଆ ଘର ଭିତରକୁ ଫୋପାଡ଼ି ଦେଇ ଚାଲିଗଲା । କିଛି ସମୟପରେ ତା'ର ଚେତା ଆସିବାରୁ ଚାରିଆଡ ଖୋଜିଲା । କିନ୍ତୁ ଚାରିଆଡ ଅନ୍ଧାର ଝିପି ଝିପି ବର୍ଷା ହେଉଥାଏ । ଶେଷକୁ କ୍ଲାନ୍ତଦେହଟାକୁ ଘରଭିତରକୁ ଘୋଷାରି ଆଣି ଶୋଇଗଲା, ମନେ ମନେ ଚିନ୍ତା କରୁଥାଏ, ଡାହାଣୀ ବୋଲି ଗାଁରୁ ତ ତଡିଦେଲେ, ହେଲେ ଡାହାଣୀର ସବୁକିଛି ଶେଷ କରିଦେଲାବେଳକୁ କେମିତି କାର କିଛି ହେଉନି ।ସକାଳ ହେବାରୁ ସୂର୍ଯ୍ୟ ସୁନେଲି କିରଣ ବିଛାଇଦେଇଥାନ୍ତି । ଚାରିଆଡ ବେଶ୍ ସୁନ୍ଦର ଦେଖାଯାଉଥାଏ । ଗାଁ ଲୋକମାନଙ୍କର ହଳିଆ ଗୀତରେ ବଳଦମାନେ ବୋଲମାନି ଚାଲିଥାନ୍ତି । କେହିଜଣେ ଥିଲା ଥିଲା ଡାକଦେଲା -

– ଏ କ   । ଡାହାଣୀ ! ଆଜି କ'ଣ ଉଠିନୁ କିଲୋ ! ବେଳ ଦି ଘଡ଼ି ହେଲାଣି ପରା ।

ଅଧାପକ, ପଦାର୍ଥ ବିଜ୍ଞାନ, କଟକ




ସମ୍ପାଦକ : ଡ. ବିଭୁଦତ୍ତ ଖଣ୍ଡାୟତରାୟ